

ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟ ନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
- ସକ୍ରେଟିସ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦୟା-ଧର୍ମ-ସେବା- ଟ୍ରଷ୍ଟ ପକ୍ଷରୁ ସାଧାରଣ ଅଧିବେଶନ, ବିଷ୍ଣୁ ମନ୍ଦିର ପରିସର, ଶହୀଦ ନଗର, ପୂର୍ବାହ୍ନ ୧୦ଟା।
- ବିଏମ୍‌ସି ପକ୍ଷରୁ ସାଧାରଣ ସଭା, କନଫରେନ୍ସ ହଲ, ବିଏମ୍‌ସି କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ଅର୍ଗାନାଇଜେଶନ ଅଫ ପେରେଣ୍ଟ ଆସୋସିଏଶନ୍ସ ଫୋରମର(ଓପିଏଫ)ର ବାର୍ଷିକ ଉତ୍ସବ, ଇଉକଲ ଅଡିଟୋରିୟମ, ସନ୍ଧ୍ୟା ୬ଟା।
- ଶ୍ରୀଜନ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାଷ୍ଠାନ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ପୁରୀ**

- ଜାତୀୟ ପାଠଚକ୍ର ଓ ପୁସ୍ତକ ଲୋକାର୍ପଣ ଉତ୍ସବ, ସଦଭାବନ ଗୃହ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଓ ସଂସ୍କୃତି ପରିଷଦର ସାରସ୍ୱତ ସମାରୋହ, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା ୩୦।

## ପାଣିରେ ବୁଡ଼ି ନାବାଳିକା, ମହିଳା ମୃତ

**ଚୌଦ୍ୱାର/କଟକ ସଦର, ୮।୯(ଡି.ଏନ୍.ଏ.):** ରବିବାର ସକାଳେ ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ ଅଙ୍ଗଦରାଡିହ ଗ୍ରାମର ହରପ୍ରିୟା ଭୋଳା। ସକାଳେ ସେ ଜେଜେମା ବୁଲିଙ୍କ ସହିତ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଶୌଚ ହେବା ସମୟରେ ହଠାତ୍ ଗୋଡ ଖସିଯିବାରୁ ହରପ୍ରିୟା ପାଣିରେ ବୁଡି ଯାଇଥିଲେ। ଜେଜେମା ପାଣି ଭିତରେ ଖୋଜାଖୋଜି କରି ନ ପାଇବାରୁ ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ପହଞ୍ଚି ବହୁ ଖୋଜାଖୋଜି କରି ମଧ ବିଫଳ ହୋଇଥିଲେ। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ ମଧ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୮/୧୯) ରୁଜୁ କରିଛି। ସେହିପରି ରବିବାର କାଠଯୋଡୀ ନଦୀରେ ବୁଡି ୪୨ ମୌଜା ଫାଣ୍ଡି ଅଧୀନ ଅଇନି ଗ୍ରାମର ସସ୍ମିତା ରଣା(୪୨)ଙ୍କ ମୃତ୍ୟୁ ଘଟିଛି। ସକାଳେ ସେ ନଦୀରେ ଶୌଚ ହେଉଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଦିନତମାମ ଖୋଜାଖୋଜି କରାଯିବା ପରେ ସନ୍ଧ୍ୟାରେ ମୃତଦେହ ଉଦ୍ଧାର କରାଯାଇଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯିବ ବୋଲି ଫାଣ୍ଡି ସୂତ୍ରରୁ ଜଣାପଡିଛି।

## ସ୍କର୍ପିଓ ଭିତରେ ବ୍ରାଉନ ସୁଗାର ବେପାର, ୨ ଗିରଫ

**ଭୁବନେଶ୍ୱର,୮।୯(ବ୍ୟୁରୋ):** ରାତି ଅଧରେ ସ୍କର୍ପିଓ ଭିତରେ ବ୍ରାଉନ ସୁଗାର ବେପାର ଚାଲିଥିଲା। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ୟୁନିଟ-୮ ସରକାରୀ ହାଇସ୍କୁଲ ନିକଟ ପଡିଆରେ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ସ୍କର୍ପିଓ ସହ ସେମାନଙ୍କ ନିକଟରୁ ୧୪ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଗିରଫ ଦୁଇ ବେପାରୀ ହେଲେ ଖୋର୍ଦ୍ଧା ଟାଉନର ହର ପ୍ରସାଦ ଦାସ(୨୪) ଓ ପି.ସୁବ୍ରତ ରାୟ(୨୮)। ପୋଲିସ ସେମାନଙ୍କ ବିରୋଧରେ କେସ୍ ନଂ.୪୪୫/୧୯ ଦଫା ଏନ୍‌ଡିପିଏସ୍ ମାମଲା ଲଗାଇ କୋର୍ଟ ଚାଲାଣ କରିଛି। ସେମାନେ ବାଲେଶ୍ୱରରୁ ବ୍ରାଉନ ସୁଗାର ଆଣି ରାଜଧାନୀରେ ବ୍ୟବସାୟ କରନ୍ତି। ଉକ୍ତ ଅଞ୍ଚଳରେ ନିୟମିତଭାବେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଦୁଇଜଣ ଯୁବକ ହାଇସ୍କୁଲ ପଡିଆ ନିକଟରେ ସ୍କର୍ପିଓ ଭିତରେ ବସିଥିଲେ। ସେମାନେ ବ୍ରାଉନ ସୁଗାର ଖାଇବା ସହ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଚଢାଉ ସମୟରେ ପୋଲିସକୁ ଦେଖି ସେମାନେ ଖସି ଯିବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା।

### ଓଡ଼ିଆ ଫିଲ୍ମର ହିନ୍ଦୀ, ଇଂଲିଶ ନାମକରଣ

# ବିବାଦ ଉଠୁଥିଲେ ବି ମିଳୁଛି ସ୍ୱୀକୃତି

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର, ୮।୯**

ଓଡ଼ିଆ ଫିଲ୍ମର ନାମ ଓ ଗୀତରେ ହିନ୍ଦୀ, ଇଂଲିଶ ବ୍ୟବହାରକୁ ନେଇ ବିବାଦ ନୂଆ କଥା ନୁହେଁ। ବିଗତ କିଛିବର୍ଷ ମଧ୍ୟରେ ନକଲ ଚଳଚ୍ଚିତ୍ର ତଥା ତେଲୁଗୁ, ତାମିଲରୁ ଡବିଂ ଯୋଗୁ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ବଦନାମର ବୋଝ ମୁଣ୍ଡାଉଥିବାବେଳେ ଓଡ଼ିଆ ଦର୍ଶକଙ୍କ ସଂଖ୍ୟା ମଧ ହ୍ରାସହେଲାଣି। ମୌଳିକଧର୍ମୀ କାହାଣୀଠାରୁ ଦୂରେଇ ଯିବାରୁ ଗତ ଦୁଇ ଦଶନ୍ଧି ହେଲା ଓଡ଼ିଆ ଫିଲ୍ମକୁ ନେଇ ବାଦବିବାଦ ଲାଗିରହିଛି। ସ୍ୱଳ୍ପ ବଜେଟ୍, ପେସାଦାର ପ୍ରଯୋଜକଙ୍କ ଅଭାବ, ରାଜ୍ୟରେ ସିନେମା ହଲ୍ ଏବଂ ଷ୍ଟୁଡିଓର ଅଭାବ ନିର୍ମାତାଙ୍କୁ ନକଲ ଫିଲ୍ମ କରିବାକୁ ବାଧ କରୁଥିବା ଇଣ୍ଡଷ୍ଟ୍ରୀ ସଫେଇ ଦେଉଛି। କିନ୍ତୁ ଓଡ଼ିଆ ଫିଲ୍ମର ଟାଇଟଲ୍ ଲୋକଙ୍କୁ ଆକୃଷ୍ଟ କରିପାରୁନି। ଓଡ଼ିଆରେ ଟାଇଟଲ ଦେବା ପରିବର୍ତ୍ତେ ନିର୍ମାତାମାନେ ଫିଲ୍ମର ନାମ ହିନ୍ଦୀ ଓ ଇଂଲିଶରେ ରଖୁଥିବାରୁ ଅଧିକାଂଶ ସମୟରେ ଏହାକୁ ନେଇ ବିରୋଧ ଦେଖାଦେଉଛି। କେବଳ ଫିଲ୍ମର ଟାଇଟଲ୍ ନୁହେଁ, ଗୀତଗୁଡ଼ିକରେ ମଧ ଓଡ଼ିଆ ଶବ୍ଦଠାରୁ ଅଧିକ ହିନ୍ଦୀ, ଉର୍ଦ୍ଦୁ ଓ ଇଂଲିଶ ଶବ୍ଦର ବ୍ୟବହାର ହେଉଛି।

'ବର୍ଷା ମାଇଁ ଡାର୍ଲିଂ', 'ଲଭ୍ ଡଟ୍ କମ୍', 'ସେଲ୍‌ଫିସ୍ ଦିଲ୍', 'ଓ ମାଇଁ ଲଭ୍', 'ଆଇ ଲଭ୍ ୟୁ', 'ବାବୁ ଆଇ ଲଭ୍ ୟୁ', 'ନନ୍ଦିନୀ ଆଇ ଲଭ୍ ୟୁ', 'ରୋମିଓ ଦି ଲଭର୍ ବୟ', 'ମୋଷ୍ଟ ୱାଣ୍ଟେଡ୍', 'କ୍ରିମିନାଲ', 'ମୁଁ ଆଶିକ୍ ମୁଁ ଆୱାରା', 'ସମ୍‌ଥିଙ୍ଗ୍ ସମ୍‌ଥିଙ୍ଗ୍', 'ମୁନ୍ନା ଏ ଲଭ୍ ଷ୍ଟୋରି', 'ଡ୍ରିମ୍ ଗାର୍ଲ', 'ମୋ ଦିଲ୍ ତୋ ଦିୱାନା', 'ସ୍ମାଇଲ୍ ପ୍ଲିଜ୍', 'ଦିୱାନା ଦିୱାନୀ', 'ଟାର୍ଗେଟ୍', 'ଇଡିଅଟ୍', 'ରାଜୁ ଆୱାରା', 'ଇସ୍କ ତୁ ହି ତୁ', 'ଲୋଫର୍', 'ମୋଷ୍ଟ ୱାଣ୍ଟେଡ୍', 'ଫୋର୍ ଇଡିୟଟ୍‌ସ' ଭଳି ଇଂଲିଶ ଓ ହିନ୍ଦୀ ଟାଇଟଲ୍ ଥିବା ଏକାଧିକ ଓଡ଼ିଆ ଫିଲ୍ମ ପ୍ରତିବର୍ଷ ମୁକ୍ତିଲାଭ କରୁଛି। ୮୦ଦଶକ ପର୍ଯ୍ୟନ୍ତ ଓଡ଼ିଆ ସିନେମା ନିର୍ମାଣର ଧାରା ମନ୍ଥର ଗତିରେ ଚାଲିଥିବାବେଳେ ଏବେ ବର୍ଷକୁ ପାଖାପାଖି ୪୦ଟି ଫିଲ୍ମ ନିର୍ମାଣ ହେଉଛି। ଗତ ୫ବର୍ଷ ହେଲା ଲଗାତର ବାର୍ଷିକ ୨୫ରୁ ଅଧିକ ସିନେମା ରିଲିଜ୍ ହେଉଛି। ସେଥିମଧ୍ୟରୁ ୫୦%ରୁ ଊର୍ଦ୍ଧ୍ୱ ଫିଲ୍ମର ଟାଇଟଲ୍ ହିନ୍ଦୀ କିମ୍ବା ଇଂଲିଶରେ ଥିବା ଦେଖିବାକୁ ମିଳୁଛି। ପ୍ରତିବାଦର ସ୍ୱର ଉଠୁଥିଲେ ମଧ ନାମକୁ ସ୍ୱୀକୃତ ଦେଉଥିବା ଓଡ଼ିଆ ଫିଲ୍ମ ସିଣ୍ଡିକେଟ୍ କିନ୍ତୁ ଏହାକୁ କର୍ଣ୍ଣପାତ କରୁନି। ଲଗାତର ହିନ୍ଦୀ ଓ ଇଂଲିଶ ନାମ ଥିବା ଫିଲ୍ମକୁ ସ୍ୱୀକୃତି ଦିଆଯାଉଛି। ଗୋଟିଏପଟେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରତି କ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟବହାର କରାଯିବ ବୋଲି କହୁଥିବାବେଳେ ସମସ୍ତ ସରକାରୀ ନଥିପତ୍ର ୧୦୦ ପ୍ରତିଶତ ଓଡ଼ିଆରେ କରିବାକୁ ନିଷ୍ପତ୍ତି ନେଇଛି। ସମ୍ପୃକ୍ତ ବିଭାଗ ପ୍ରତିବର୍ଷ ଓଡ଼ିଆ ଫିଲ୍ମର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଗି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରୁଛି। ହେଲେ ଇଂଲିଶ, ହିନ୍ଦୀ ଟାଇଟଲ୍ ଥିବା ଫିଲ୍ମକୁ କିଭଳି ପୁରସ୍କାର ପାଇଁ ଚୟନ କରାଯାଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରସ୍କାର ପାଇଁ ଆବେଦନ ଲାଗି ବାହାରୁଥିବା ବିଜ୍ଞାପନରେ ମୌଳିକଧର୍ମୀ ଓଡ଼ିଆ ଚଳଚ୍ଚିତ୍ରକୁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଉଥିଲେ ମଧ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି।

ଚଳଚ୍ଚିତ୍ର ସମୀକ୍ଷକ ଦିଲ୍ଲୀପ ହାଲି ଏନେଇ କହିଛନ୍ତି, ବର୍ତ୍ତମାନର ଓଡ଼ିଆ ଫିଲ୍ମର ନାମକରଣକୁ ସମ୍ପୂର୍ଣ୍ଣ ବିକୃତ କରାଯାଉଛି। ୮୨ବର୍ଷର ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଏଭଳି ଘଟି ନ ଥିବାବେଳେ ଗତ କିଛିବର୍ଷ ହେଲା ଏହି ବିକୃତ ନାମକରଣ ଏକ ଅସୁସ୍ଥ ଲକ୍ଷଣର ପରିଚୟ ଦେଉଛି। ଯଦି ଏଭଳି ଜାରି ରୁହେ ତାହାହେଲେ ଆଗକୁ ଆଉ ଗୋଟିଏ ହେଲେ ବି ଓଡ଼ିଆ ଫିଲ୍ମର ନାମ ଓଡ଼ିଆରେ ନ ଥିବ ବୋଲି ସେ କହିଛନ୍ତି।

### ଓଡ଼ିଆ ଗୀତରେ ଓଡ଼ିଆ କମ୍, ଉର୍ଦ୍ଦୁ ଅଧିକ

କେବଳ ଫିଲ୍ମ ନୁହେଁ, ଓଡ଼ିଆ ଗୀତଗୁଡ଼ିକରେ ଆଜିକାଲି ଓଡ଼ିଆ ଶବ୍ଦ କମ୍, ହିନ୍ଦୀ ଓ ଉର୍ଦ୍ଦୁ ଶବ୍ଦର ଅଧିକ ବ୍ୟବହାର ହେଉଛି। ମୌଲା, ଜାନମ୍, ମାହିଆ, ଜାନିୟା, ଇସ୍କ, ସନମ୍, ଦିଲ୍, ଆୱାରା, ଦିୱାନା, ନୈନା, ପାୟଲ, ବିନ୍ଦିୟା, ଦିଲ୍‌ବର୍ ଭଳି ହିନ୍ଦୀ ଓ ଉର୍ଦ୍ଦୁ ଶବ୍ଦ ପ୍ରାୟ ସବୁ ଓଡ଼ିଆ ଗୀତରେ ଶୁଣିବାକୁ ମିଳୁଛି। ଗୀତିକାରମାନେ ତାଳ ମିଶାଇବାକୁ ନିଜ ମନଇଚ୍ଛା ଶବ୍ଦ ବ୍ୟବହାର କରୁଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ଅନେକ ସମୟରେ ନିନ୍ଦା ହେଉଥିଲେ ମଧ କୌଣସି ପରିବର୍ତ୍ତନ ଦେଖିବାକୁ ମିଳୁନି। ସେହିଭଳି ଆଲ୍‌ବମ୍ ଏବଂ ଆଇଟମ୍ ଗୀତଗୁଡ଼ିକରେ ଦ୍ୱିଅର୍ଥବୋଧକ ଗୀତ ଆଜିକାଲି ସାଧାରଣ କଥାରେ ପରିଣତ ହୋଇଛି। ଗୀତର ଅଶ୍ଳୀଳତାକୁ ରୋକିବା ଲାଗି କେବଳ ଗୀତ ପାଇଁ ଏକ ସ୍ୱତନ୍ତ୍ର ସେନସର୍ ବୋର୍ଡ ପ୍ରତିଷ୍ଠା କରିବାକୁ ବିଭିନ୍ନ ସମୟରେ ଦାବି ହେଉଥିଲେ ମଧ ତାହା ଏପର୍ଯ୍ୟନ୍ତ ହୋଇପାରିନି।



ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୪ର୍ଥ ସନ୍ଧ୍ୟା ତ୍ରିଧାରାର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି। ଫଟୋ: ବିକାଶ ନାୟକ

# ପ୍ରେମ, ବର୍ଷାର ସଂଯୋଗକୁ ବଖାଣିଲେ ଶିଳ୍ପୀ




କଣ୍ଠଶିଳ୍ପୀ ଇନ୍ଦ୍ରାଣୀ ମୁଖାର୍ଜୀ ହିନ୍ଦୁସ୍ଥାନୀ ସଙ୍ଗୀତ ଗାନ କରୁଛନ୍ତି।

**ଭୁବନେଶ୍ୱର ୮।୯(ବ୍ୟୁରୋ)**

ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ପସରାକୁ ନେଇ ରବିବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିଲା ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୧୯ର ଚତୁର୍ଥ ସନ୍ଧ୍ୟା। ପ୍ରଖ୍ୟାତ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଗାୟିକା ଇନ୍ଦ୍ରାଣୀ ମୁଖାର୍ଜୀଙ୍କ ଦ୍ୱାରା ହିନ୍ଦୁସ୍ତାନୀ ସଙ୍ଗୀତ ପରିବେଷଣ ପୂରା ପ୍ରେକ୍ଷାଳୟ ଏବଂ ଶ୍ରୋତାଙ୍କୁ ଭାବରଙ୍ଗରେ ଭିଜାଇଥିଲା। ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଏହି ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ ଭାରତୀୟ ବିଦ୍ୟାଭବନ ଭୁବନେଶ୍ୱର କେନ୍ଦ୍ରର ଉପାଧ୍ୟକ୍ଷ ଡ. ଏସ.କେ. ତାମୋଟିଆ, ଖ୍ୟାତିସମ୍ପନ୍ନ କଳା ଓ ନୃତ୍ୟ ସମୀକ୍ଷକ ତଥା ଲେଖକ ଚିତ୍ତରଞ୍ଜନ ମଲିଆ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର। ଏହି ଅବସରରେ ପରିବେଷିତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସହ ଶାସ୍ତ୍ରୀୟ ଓଡ଼ିଶୀ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିଲା।

ପ୍ରଥମ ପ୍ରସ୍ତୁତିରେ ଇନ୍ଦ୍ରାଣୀ ମୁଖାର୍ଜୀ ରାଗ କେଦାର ଉପରେ ନିବଦ୍ଧ 'ଖେୟାଲ' ପରିବେଷଣ କରିଥିଲେ। ଏହା ବିଳମ୍ବିତ ଏକତାଳ ଓ ମଧ୍ୟମ ତିନ୍‌ତାଲ୍ ଉପରେ ପର୍ଯ୍ୟବେସିତ ଥିଲା। ପରେ ପଣ୍ଡିତ ରାମଶ୍ରେୟା ଝାଙ୍କ ଦ୍ୱାରା ରଚିତ ତରାନା ପରିବେଷିତ ହୋଇଥିଲା। ଶେଷରେ ଇନ୍ଦ୍ରାଣୀଙ୍କ କଣ୍ଠରୁ ରାଗ ହେମନ୍ତ ଉପରେ ନିବଦ୍ଧ ଭଜନ ଶୁଣିଥିଲେ ଶ୍ରୋତା। ରାଗ, ତାନ ଓ ସରଗମର ଅପୂର୍ବ ସମନ୍ୱୟ ଇନ୍ଦ୍ରାଣୀଙ୍କ ପ୍ରତ୍ୟେକ ଗୀତକୁ ନିଆରା କରିଥିଲା। ତାଙ୍କୁ ତବଲାରେ ଅପୂର୍ବ ମୁଖାର୍ଜୀ, ହାରମୋନିୟମରେ ଗୌରବ ଚାଟାର୍ଜୀ ଓ ତାନପୁରାରେ ସଚ୍ଚିଦାନନ୍ଦ ସାହୁ ସହଯୋଗ କରିଥିଲେ।

### ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୪ର୍ଥ ସନ୍ଧ୍ୟା

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁ ଜ୍ୟୋତ୍ସ୍ନାରାଣୀ ସାହୁଙ୍କ 'ସୁର ମନ୍ଦିର' ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଞ୍ଚସ୍ଥ ହୋଇଥିଲା। ସେମାନେ ରାଗ ରାଗମାଳିକା ଓ ତାଳ ତାଳମାଳିକା ଉପରେ ନିବଦ୍ଧ 'ରସାନୁରାଗ' ପରିବେଷଣ କରିଥିଲେ। ପ୍ରେମ ଓ ବର୍ଷାର ଗଭୀର ସଂଯୋଗ ସହିତ ଏହାର ବିଭିନ୍ନ ସମ୍ବନ୍ଧକୁ ସମବେତଭାବେ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ବଖାଣିଥିଲେ ଶିଳ୍ପୀ। ଏହାର ନୃତ୍ୟ ସଂରଚନା ଗୁରୁ ଜ୍ୟୋତ୍ସ୍ନାରାଣୀ ସାହୁ କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଅଗ୍ନିମିତ୍ର ବେହେରା ଓ ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଏହି କାର୍ଯ୍ୟକ୍ରମର ମିଡ଼ିଆ ପାର୍ଟନର ରହିଛି।



ସୁର ମନ୍ଦିରର କଳାକାରଙ୍କ ନୃତ୍ୟ ପରିବେଷଣ।

### ଲୋକକଳା-ଓଡ଼ିଶୀକୁ ଯୋଡ଼ିଲା 'ତ୍ରିଧାରା'

ଅନ୍ତିମ ପର୍ଯ୍ୟାୟରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ଏବଂ ଲୋକକଳାର ଏକ ନିଆରା ସମନ୍ୱୟ ଦେଖିବାକୁ ମିଳିଥିଲା। ପ୍ରଥମଥର ପାଇଁ ଗୁରୁ ଦେବ ପ୍ରସାଦ ଘରାନା ଶୈଳୀରେ ମଙ୍ଗଳାଚରଣରେ ଗଞ୍ଜାମ ଜିଲାର ପ୍ରସିଦ୍ଧ ଲୋକକଳା ପ୍ରହଲ୍ଲାଦ ନାଟକ ତଥା ବିଷ୍ଣୁଙ୍କର ନୃସିଂହ ଅବତାରକୁ ଶିଳ୍ପୀମାନେ ଚମତ୍କାର ଶୈଳୀରେ ପରିବେଷଣ କରିଥିଲେ। ଓଡ଼ିଶୀ ଏବଂ ଲୋକକଳା ଏହି ସମନ୍ୱୟ ୪ର୍ଥ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା। ଏହାର ନୃତ୍ୟ ସଂରଚନା ଗୁରୁ ଗଜେନ୍ଦ୍ର ପଣ୍ଡା କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଡ. ଗୋପାଳ ଚନ୍ଦ୍ର ପଣ୍ଡା ଓ ତାଳ ସଂଯୋଜନା କରିଥିଲେ ଡ. ବନମାଳୀ ମହାରଣା। ପରେ ପରେ ଲକ୍ଷ୍ମୀକାନ୍ତ ପାଲିତଙ୍କ ସଙ୍ଗୀତ ସଂଯୋଜନା ଏବଂ ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ସ୍ୱର ସଂଯୋଜନାରେ ଶୁଦ୍ଧ ନୃତ୍ୟରେ ରାଗ କିରିବାଣୀ ଉପରେ ପର୍ଯ୍ୟବେସିତ ପଲ୍ଲବୀ ମଞ୍ଚସ୍ଥ ହୋଇଥିଲା। ଶେଷ ପ୍ରସ୍ତୁତିରେ ଦକ୍ଷିଣ ଓଡ଼ିଶାର ଲୋକପ୍ରିୟ ନଗରକୀର୍ତ୍ତନ ଓ ଦାସକାଠିଆରୁ ଆସିଥିବା ରାମ ଭଜନ ମଞ୍ଚସ୍ଥ ହୋଇଥିଲା। ଏହାର ନୃତ୍ୟ ସଂରଚନା ନିଜେ ଗୁରୁ ଗଜେନ୍ଦ୍ର ପଣ୍ଡା କରିଥିବାବେଳେ ଡ. ଗୋପାଳ ଚନ୍ଦ୍ର ପଣ୍ଡା ସଙ୍ଗୀତ ସଂଯୋଜନା କରିଥିଲେ।

### ୫ମ ସନ୍ଧ୍ୟାର ଆକର୍ଷଣ

ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୫ମ ସନ୍ଧ୍ୟାର ଆକର୍ଷଣ ରହିବେ ଦେଶର ଲୋକପ୍ରିୟ ସରୋଦ ବାଦିକା ଦେବସ୍ମିତା ଭଟ୍ଟାଚାର୍ଯ୍ୟ। ଦେବସ୍ମିତା ଉତ୍ସବର ପ୍ରଥମାର୍ଦ୍ଧରେ ହିନ୍ଦୁସ୍ତାନୀ ସଙ୍ଗୀତର ଧୂନ୍‌ରେ ସରୋଦ ବାଦନ କରିବେ। ଏହାସହ ଗୁରୁ ନିରଞ୍ଜନ ରାଉତଙ୍କ ନୃତ୍ୟାନୁଷ୍ଠାନ 'ନୁପୁର'ର ଶିଳ୍ପୀମାନେ ଦ୍ୱିତୀୟ ପର୍ଯ୍ୟାୟରେ ଦଳଗତ ଓଡ଼ିଶୀ ପରିବେଷଣ କରିବେ। ୫ମ ସନ୍ଧ୍ୟାର ଶେଷ ପ୍ରସ୍ତୁତିରେ ଗୁରୁ ଇଲିଆନା ଚିତାରିସ୍ତିଙ୍କ 'ଆର୍ଟ ଭିଜନ' ପକ୍ଷରୁ ସମବେତ ଓଡ଼ିଶୀ ପରିବେଷଣ କରାଯିବ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ଆଦିତ୍ୟ



ମାନସ



ମିଲୁ



ଶ୍ରବଣ କୁମାର



ସୁବାସ



ନିର୍ମଳା



ମନୋଜ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



"ସକଳ ସଙ୍କଟରୁ ପରିତ୍ରାଣ ଲାଭ ପାଇଁ ଏକମାତ୍ର ପଥ ନାମ ଜପ। ତାହା କାତର ଭାବରେ ଅନ୍ତରର ଗଭୀର ପ୍ରଦେଶରୁ ଜାତ ହେବା ଦରକାର।
- ଶ୍ରୀଚୈତନ୍ୟ



# ଚକୋଲେଟ ବାଣ୍ଟି ସଚେତନତା

ଭୁବନେଶ୍ୱର,୮।୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନକୁ ନେଇ କଠୋର ହୋଇପଡ଼ିଥିଲା କମିଶନରେଟ ପୋଲିସ। ଶନିବାର ଭୁବନେଶ୍ୱର ରାଜମହଲରେ ପୋଲିସ-ଜନତା ଖଣ୍ଡଯୁଦ୍ଧରେ ୫ ପୋଲିସ ସମେତ ୧୦ଜଣ ଆହତ ହେବା ପରେ ଏବେ ଚେତା ପଶିଲା। ଚାରିଆଡୁ ତୀବ୍ର ବିରୋଧ ପରେ ରବିବାର କମିଶନରେଟ ପୋଲିସର ଆଭିମୁଖ୍ୟ ପୂରା ବଦଳି ଯାଇଥିଲା। କଠୋରତା ବଦଳରେ କୋମଳତା ପନ୍ଥା ଆପଣାଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ଲୋକଙ୍କୁ ଚକୋଲେଟ ବାଣ୍ଟି ଟ୍ରାଫିକ ନିୟମ ସମ୍ପର୍କରେ ବୁଝାଇବା ସହ ପାଳନ କରିବାକୁ ସଚେତନ କରିଥିଲା। ପୋଲିସର ଏଭଳି ଆଭିମୁଖ୍ୟକୁ ଲୋକେ ସ୍ୱାଗତ କରିଥିବାବେଳେ ସହରର ଆଉ କିଛି ସ୍ଥାନରେ ଯାଞ୍ଚବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଜି ଛକରେ ପୋଲିସ ପୂର୍ବରୁ ଯେଭଳି ଜଗି ରହି ଜରିମାନା କାଟୁଥିଲା ରବିବାର ପୂର୍ବାହ୍ନରେ ସେଭଳି ଦୃଶ୍ୟ ଦେଖିବାକୁ ମିଳି ନ ଥିଲା। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ୍ ଡିସିପି ସାଗରିକା ନାଥ, ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ, ଟ୍ରାଫିକ୍ ଇନ୍ସପେକ୍ଟରଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଗାଡି ଚାଳକଙ୍କୁ ଚକୋଲେଟ ବାଣ୍ଟି ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିଥିଲେ। ଯେଉଁମାନେ ନିୟମ ମାନି ଗାଡ଼ି ଚଳାଉଥିଲେ ସେମାନଙ୍କୁ 'ଥ୍ୟାଙ୍କ୍ ୟୁ କାର୍ଡ' ବାଣ୍ଟୁଥିଲେ। ସେହିପରି ପିପିଲି ଟୋଲ୍‌ଗେଟରେ ମଧ୍ୟ ପୋଲିସ ଲୋକଙ୍କୁ ଲିଫ୍‌ଲେଟ୍ ବାଣ୍ଟି ସଚେତନ କରିଥିଲା।



ମୋଟର ସାଇକେଲ ଆରୋହୀଙ୍କୁ ଟ୍ରାଫିକ ଡିସିପି ଚକୋଲେଟ ଦେଇ ସଚେତନ କରୁଛନ୍ତି।

**ଟ୍ରାଫିକ ନିୟମ**
- ଏଜି ଛକରେ ଲୋକଙ୍କୁ ବୁଝାଇଲେ ପୋଲିସ ଅଧିକାରୀ
- ନିୟମ ପାଳନକାରୀଙ୍କୁ 'ଥ୍ୟାଙ୍କ୍ ୟୁ କାର୍ଡ' ଦେଲେ
- ୨ ମାସ ଯାଏ କେବଳ ୫ ନିୟମକୁ ଗୁରୁତ୍ୱ

ବାଇକ ଆରୋହୀଙ୍କୁ ହେଲ୍‌ମେଟ୍ ଓ କାର ଚାଳକଙ୍କୁ ସିଟ୍‌ବେଲ୍ଟ ବାନ୍ଧିବାକୁ ପରାମର୍ଶ ଦେଉଥିଲା। ସଚେତନତା କାର୍ଯ୍ୟକ୍ରମରେ ସିଭିଲ୍ ସୋସାଇଟିର ସ୍ୱେଚ୍ଛାସେବୀ ଓ ବିଧାୟକ ଅନନ୍ତ ନାରାୟଣ ଜେନା ସାମିଲ୍ ଥିଲେ।

ଟ୍ରାଫିକ୍ ଡିସିପି ସାଗରିକା ନାଥ କହିଛନ୍ତି, ଲୋକମାନେ ଟ୍ରାଫିକ୍ ନିୟମ ମାନି ସଚେତନ ହୋଇଥିବାରୁ ତାଙ୍କୁ ଆମେ ହୃଦୟର ସହ ଧନ୍ୟବାଦ ଦେଉଛୁ। ଚକୋଲେଟ ଦେଇ ଖୁସି ବାଣ୍ଟୁଛୁ। ଏହା ବଦଳରେ ଆମେ ଲୋକଙ୍କୁ ଲାଇସେନ୍ସ ଓ ଗାଡ଼ିର କିଛି କାଗଜପତ୍ର ମାଗୁଛୁ। ଏଥିପାଇଁ ୨ ମାସ ସମୟ ଦେଉଛୁ। ଏହା ମଧ୍ୟରେ କେବଳ ୫ ନିୟମକୁ ଗୁରୁତ୍ୱ ଦେଉଛୁ। ହେଲ୍‌ମେଟ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ଗାଡି ଚଲାଇବାବେଳେ ମୋବାଇଲ୍ ଫୋନ୍‌ରେ ନ ଗପିବା, ମଦପିଇ ଗାଡ଼ି ନ ଚଲାଇବା ଓ ରଙ୍ଗ୍‌ରୁଟ୍‌ରେ ନ ଯିବାକୁ ଲୋକଙ୍କୁ କହୁଛୁ। ମଦପିଇ ଗାଡ଼ି ଚଲାଇବାକୁ ଜିରୋ ଟଲେରାନ୍ସ ଭାବେ ନେଇଛୁ। ଗୋଟିଏ ସୁନ୍ଦର ଭୁବନେଶ୍ୱର ଗଢ଼ିବା ପାଇଁ ଆଗକୁ ସମସ୍ତେ ଆମକୁ ସହଯୋଗ କରିବେ ବୋଲି ଆଶା କରୁଛୁ ବୋଲି ସେ କହିଛନ୍ତି।

# ନୂଆ ମୋଟର ଯାନ ଆଇନ ଲାଗୁ ପରେ ବଢୁଛି ଜାଲିଆତି

ଭୁବନେଶ୍ୱର,୮।୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନ-୨୦୧୯ ସେପ୍ଟେମ୍ବର ପହିଲାରୁ ଲାଗୁହେବା ପରେ ପୋଲିସ୍ ଏବଂ ଆରଟିଓ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ, ଗାଡ଼ିର ଫିଟ୍‌ନେସ୍, ପଲ୍ୟୁଶନ୍ ସାର୍ଟିଫିକେଟ, ପର୍‌ମିଟ୍ ଏବଂ ଇନ୍ସୁରାନ୍ସ ନାହିଁ ସେମାନଙ୍କୁ ମୋଟା ରକମର ଜରିମାନା ଆଦାୟ କରାଯାଉଛି। ଆଚାର୍ଯ୍ୟବିହାର ଛକରେ ଜଣେ ଅଟୋ ଚାଳକଙ୍କଠାରୁ ଆରଟିଓଙ୍କ ପକ୍ଷରୁ ୫ ନିୟମ ଉଲ୍ଲଂଘନ ପାଇଁ ୪୭ ହଜାର ୫ଶହ ଟଙ୍କା ଜରିମାନା କରାଯାଇଥିଲା। ଏହାସହ ବାଣୀବିହାର ଓଭରବ୍ରିଜ ଉପରେ ୧୫ ହଜାର ଓ ନାଲକୋ ଛକରେ ବିଏମ୍‌ସି ଗାଡ଼ିକୁ ୧୭ ହଜାର ଟଙ୍କା ଜରିମାନା ହୋଇଥିଲା। ଏଭଳି ଯାଞ୍ଚକୁ ଦେଖି ଅନେକ ଗାଡ଼ିଚାଳକ ଛାନିଆ ହୋଇଯାଇଛନ୍ତି। ଅବଶ୍ୟ ଲୋକଙ୍କ ପ୍ରବଳ ଅସନ୍ତୋଷକୁ ଦେଖି ଯାଞ୍ଚ ଓ ଜରିମାନା ଆଦାୟରେ ରବିବାରଠାରୁ କୋହଳ କରାଯାଇଛି। କିନ୍ତୁ ସାରା ରାଜ୍ୟରେ ରାସ୍ତାରେ ଗାଡ଼ି ଚଳାଇବାକୁ ଲୋକଙ୍କ ମଧ୍ୟରେ ଭୟ ଦେଖିବାକୁ ମିଳିଛି। ବିଶେଷ କରି ଯେଉଁମାନଙ୍କର ଗାଡ଼ିର କାଗଜପତ୍ରର ଅବଧି ଶେଷ ହୋଇଯାଇଛି ସେମାନେ ଏବେ ଚିନ୍ତାରେ ଅଛନ୍ତି। ଯାଞ୍ଚବେଳେ ସେମାନେ କ'ଣ କାଗଜପତ୍ର ଦେଖାଇବେ ତାହା ସେମାନଙ୍କୁ ଘାରୁଛି। ଆରଟିଓ ଅଫିସ ଯାଇ ଲାଇନ୍‌ରେ ଛିଡ଼ା ହେଲେ ମଧ୍ୟ ହଠାତ୍ ପ୍ରମାଣପତ୍ର ମିଳିବା ସମ୍ଭବ ନୁହେଁ। ତେଣୁ ସେମାନଙ୍କ ମଧ୍ୟରୁ ଅନେକ ଏବେ ଗଳାବାଟ ବାଛିଛନ୍ତି। ତାହା ହେଉଛି ଜାଲ୍ କାଗଜପତ୍ର।

**ଗାଡ଼ି କାଗଜପତ୍ରକୁ କମ୍ପ୍ୟୁଟର ସେଣ୍ଟରରେ ନକଲି କରାଯାଉଛି**

ଭୁବନେଶ୍ୱରର ଏକାଧିକ କମ୍ପ୍ୟୁଟର ସେଣ୍ଟରରେ ଏଭଳି ଜାଲ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ଏହି ଜାଲ ସାର୍ଟିଫିକେଟ ପ୍ରସ୍ତୁତି ପାଇଁ ପ୍ରାୟ ୨ ହଜାର ଟଙ୍କା ପର୍ଯ୍ୟନ୍ତ ନେଉଥିବା ଦେଖିବାକୁ ମିଳୁଛି। ଚିହ୍ନାଜଣାଙ୍କୁ କମ୍ ଏବଂ ଅନ୍ୟମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନିଆଯାଉଛି। ଲୋକେ ଥରେ ଅଧିକ ପଇସା ଦେଇ ଝିଞ୍ଜଟ ଗଲା ବୋଲି ଭାବିନେଉଛନ୍ତି। ବିଶେଷ କରି ରବିଟକିଜ୍, କଳ୍ପନା, ବରମୁଣ୍ଡା, ଶହୀଦନଗର, ବାପୁଜୀନଗର, ୟୁନିଟ୍-୪ ଆଦି ସ୍ଥାନରେ ଏଭଳି ଜାଲ୍ କାଗଜପତ୍ର ପ୍ରସ୍ତୁତି ଜୋରସୋରରେ ଚାଲିଛି। ସରକାରୀ ରେକର୍ଡ କିମ୍ବା ୱେବ୍‌ସାଇଟ୍ ବିନା ଉକ୍ତ କାଗଜପତ୍ରକୁ ଜାଲ୍ ବୋଲି କେହି ଜାଣିପାରିବେ ନାହିଁ।

ରବିବାର ଜଣେ ବ୍ୟକ୍ତି ରବିଟକିଜ ଛକ ନିକଟ ଏକ କମ୍ପ୍ୟୁଟର ସେଣ୍ଟରକୁ ଯାଇ ଜାଲ କାଗଜପତ୍ର ପ୍ରସ୍ତୁତ କରିବାକୁ କହିଥିଲେ। କିନ୍ତୁ ପ୍ରଥମେ ତାଙ୍କୁ ମନା କରାଯାଇଥିଲା। ସେ ଫେରି ଆସୁଥିବାବେଳେ ଉକ୍ତ ସେଣ୍ଟର ମାଲିକ ତାଙ୍କୁ ଡାକି ୧ ହଜାର ଟଙ୍କା ଦେଲେ କହିବା ମୁତାବକ କାଗଜପତ୍ର ପ୍ରସ୍ତୁତ କରିଦେବେ ବୋଲି କହିଥିଲେ। ହେଲେ ଏତେ ଟଙ୍କା ଆଣି ନ ଥିବା କହି ବ୍ୟକ୍ତି ଜଣକ ସେଠାରୁ ଫେରି ଆସିଥିଲେ। କିନ୍ତୁ ଆଉ ଜଣେ ବ୍ୟକ୍ତି ସେଠାରୁ ଗାଡ଼ିର କାଗଜପତ୍ର ନକଲି କରି ନେଇଥିଲେ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ, ଏନେଇ ଆମ ନିକଟରେ କୌଣସି ସୂଚନା ନାହିଁ। ଏଭଳି ହେଉଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଧାୟକ ଗଣିଲେ ୫ଶହ ଜରିମାନା

ଭୁବନେଶ୍ୱର,୮।୯(ବ୍ୟୁରୋ)

ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବାରୁ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନରାୟଣ ଜେନା ୫ଶହ ଟଙ୍କା ଜରିମାନା ଗଣିଛନ୍ତି। ଏଜି ଛକରେ ନୋ ପାର୍କିଂ ଜୋନ୍‌ରେ ବିଧାୟକଙ୍କ ଗାଡ଼ି ରହିଥିବାରୁ ତାଙ୍କୁ ଏହି ଜରିମାନା ଦେବାକୁ ପଡ଼ିଛି। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁଙ୍କ ଉପସ୍ଥିତିରେ ବିଧାୟକ ଜେନା ନଗଦ ୫ଶହ ଟଙ୍କା ଜରିମାନା ଦେଇ ରସିଦ ନେଇଥିଲେ।

ସୂଚନାଯୋଗ୍ୟ, ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ କମିଶନରେଟ ଓ ଟ୍ରାଫିକ ପୋଲିସ ପକ୍ଷରୁ ଏଜି ଛକରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ଜେନା ଯୋଗଦେଇଥିଲେ। ହେଲେ ବିଧାୟକଙ୍କ ଡ୍ରାଇଭର ଗାଡ଼ିକୁ ଏଜି ଛକ ନିକଟ ରାସ୍ତାପାର୍ଶ୍ୱ ନୋପାର୍କିଂ ଜୋନ୍‌ରେ ପାର୍କିଂ କରିଥିଲେ। ଏହାଦେଖି ଲୋକେ ପ୍ରତିବାଦ କରିବା ସହ



ବିଧାୟକଙ୍କୁ ଜରିମାନା କରାଯାଉ ବୋଲି ଦାବି କରିଥିଲେ। ବାଧ୍ୟହୋଇ ପୋଲିସ ଜରିମାନା ଆଦାୟ କରିଥିଲା। ବିଧାୟକ ଜେନା କହିଛନ୍ତି, ମୋ ଡ୍ରାଇଭର ନିୟମ ସମ୍ପର୍କରେ ଜାଣି ନ ପାରି ଗାଡ଼ିକୁ ରାସ୍ତା କଡ଼ରେ ପାର୍କିଂ କରିଦେଇଥିଲା। ଏବେ ଟ୍ରାଫିକ୍ ନିୟମ ସମ୍ପର୍କରେ ମୁଁ ସଚେତନ ହେବାସହ ଡ୍ରାଇଭରଙ୍କୁ ମଧ୍ୟ ସଚେତନ କରିବି ବୋଲି ସେ କହିଛନ୍ତି।

**ନିୟମ ଭାଙ୍ଗି ଦଣ୍ଡ ଦେଲେ ଅଗ୍ନିଶମ କର୍ମଚାରୀ**

ସେହିଭଳି ଚନ୍ଦ୍ରଶେଖରପୁର ଟ୍ରାଫିକ ଥାନା ପୋଲିସ ଜଣେ ଅଗ୍ନିଶମ କର୍ମଚାରୀଙ୍କଠାରୁ ୫ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି। କର୍ମଚାରୀ ଜଣକ ତନିଷ୍କ କଟ୍ ନିକଟରେ ରଙ୍ଗରୁଟ୍‌ରେ ଗାଡ଼ି ଚଲାଇ ଆସୁଥିବାବେଳେ ଟ୍ରାଫିକ ପୋଲିସ ହାତରେ ଧରାପଡିଥିଲେ। ଚନ୍ଦ୍ରଶେଖରପୁର ଥାନାର ଟ୍ରାଫିକ ଇନ୍ସପେକ୍ଟର ପ୍ରମାଦ ପଟ୍ଟନାୟକ ଜରିମାନା କାଟିଥିଲେ।

# ପୁଣି ପୋଲିସ-ଜନତା ମୁହାଁମୁହିଁ

କଟକ ରୋଡ,୮।୯(ଡି.ଏନ୍.ଏ.)

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ କିଛିଦିନ ମଧ୍ୟରେ ରାଜଧାନୀରେ ବାରମ୍ବାର ଲୋକେ ପୋଲିସ ମୁହାଁମୁହିଁ ହେଲେଣି। ଗତ ଶନିବାର ରାଜମହଲ ଛକରେ ଖଣ୍ଡଯୁଦ୍ଧ ପରେ ପୁଣି ରବିବାର ବଡ଼ଗଡ଼ ଥାନାଞ୍ଚଳରେ ଯାଞ୍ଚ ସମୟରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଲୋକେ ବିଭିନ୍ନ ପ୍ରଶ୍ନ ପଚାରି ଘେରିଯାଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଭୋର ପ୍ରାୟ ସାଢ଼େ ୫ଟାରେ ବଡ଼ଗଡ଼ ଥାନା ପକ୍ଷରୁ ବ୍ରହ୍ମେଶ୍ୱର ପାଟଣା ଛକରେ ଯାନବାହନ ଚେକିଂ ଚାଲିଥିଲା। ଏତେ ସକାଳୁ ହଠାତ ପୋଲିସ ଚେକିଂ ନେଇ ଲୋକେ ଚିନ୍ତାରେ ପଡିଥିଲେ। ତେବେ ଯାଞ୍ଚ ସମୟରେ ୧୧ଟି ଗାଡ଼ିରେ ବିଭିନ୍ନ ନିୟମ ଉଲ୍ଲଂଘନ ନେଇ ୮ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଛକ ନିକଟରେ ଥିବା ଭାସ୍କରେଶ୍ୱର ମନ୍ଦିର ପାର୍କକୁ ଯାଉଥିବା କେତେଜଣ ବରିଷ୍ଠ ନାଗରିକ ସହ ଯୁବକ ଓ ଅନ୍ୟ ଜନସାଧାରଣ ଟ୍ରାଫିକ ଆଇନ ନ ମାନିବା ଅଭିଯୋଗରେ ମଧ୍ୟ ପୋଲିସର ହାବୁଡରେ ପଡିଥିଲେ। ଇତିମଧ୍ୟରେ ଟଙ୍କପାଣି ରୋଡରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକକୁ ପୋଲିସ ଅଟକାଇବା ସହ କାଗଜପତ୍ର ଯାଞ୍ଚ କରିଥିଲେ। କିନ୍ତୁ ଚାଳକ କୌଣସି କାଗଜପତ୍ର ନ ଦେଖାଇ ପାରିବାରୁ ଜରିମାନା ଆଦାୟ କରୁଥିବାବେଳେ କେତେଜଣ ଲୋକେ ପୋଲିସକୁ ଘେରିଯାଇଥିଲେ। ମର୍ନିଂୱାକ ସମୟରେ ରାସ୍ତାରେ ଗାଡିମୋଟର ଯାଞ୍ଚ ଯୋଗୁ ପ୍ରାତଃ ଭ୍ରମଣରେ ବାଧାପ୍ରାପ୍ତ ହେଉଥିବା ଜଣାଇଥିଲେ। ଏ ନେଇ ଆଲୋଚନା ହେଉଥିବାବେଳେ ହଠାତ ଯାଞ୍ଚ ପାଇଁ ଆସିଥିବା ଥାନା ଭ୍ୟାନର କାଗଜପତ୍ର ସହ ଚାଳକଙ୍କ ଲାଇସେନ୍ସ ଦେଖିବା ପାଇଁ ଲୋକେ ଚାହିଁଥିଲେ। ଏହାସହ ଗାଡ଼ିରେ ବସିଥିବା ପୋଲିସ ଅଧିକାରୀ କାହିଁକି ସିଟବେଲ୍ଟ ବ୍ୟବହାର କରିନାହାନ୍ତି ବୋଲି ପ୍ରଶ୍ନ ପଚାରି ୨୦ମିନିଟ ପର୍ଯ୍ୟନ୍ତ ହୋହଲ୍ଲା କରିଥିଲେ। କ୍ରମେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସହ ଲୋକଙ୍କ ଏକଜୁଟ ଦେଖି ପୋଲିସ ଅଧାରୁ ଯାଞ୍ଚ ବନ୍ଦ କରିବା ସହ ଘଟଣାସ୍ଥଳରୁ ଫେରିଯାଇଥିଲା। ଏ ନେଇ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା କୁହନ୍ତି, ଯେହେତୁ ବ୍ରହ୍ମେଶ୍ୱର ପାଟଣା ଛକ ନିକଟରେ ଏକ ପାର୍କ ଥିବାରୁ ଅଧିକାଂଶ ଲୋକେ ସେଠାକୁ ମର୍ନିଂୱାକରେ ଆସନ୍ତି। ତେଣୁ ଲୁଟ କିଭଳି ନ ହେବ ସେନେଇ ବ୍ଲକିଂ ଜାରି ରହିଥିଲା। ପୋଲିସ ପକ୍ଷରୁ ସେଠାରେ କୌଣସି ମୋଟରଯାନ ଚେକିଂ ହୋଇ ନ ଥିବା ସେ ସ୍ପଷ୍ଟ କରିଥିଲେ। ଅନ୍ୟପକ୍ଷରେ ବ୍ଲକିଂ ସମୟରେ ଯଦି କେହି ନିୟମ ଉଲ୍ଲଂଘନ କରିଥିବେ, ତେବେ ଜରିମାନା କଟାଯାଇଥିବ ବୋଲି ଏସିପି ପଣ୍ଡା କହିଛନ୍ତି।



**ଥାନା ଭ୍ୟାନ କାଗଜପତ୍ର, ଚାଳକଙ୍କ ଲାଇସେନ୍ସ ମାଗିଲେ ଲୋକେ**

# ପୋଲିସ ଗାଡ଼ିର ତଥ୍ୟ ୱେବ୍‌ସାଇଟ୍‌ରେ ରହିବ

ଭୁବନେଶ୍ୱର,୮।୯(ବ୍ୟୁରୋ)

ପୋଲିସ ଗାଡ଼ିର କାଗଜପତ୍ର ଠିକ୍ ନ ଥାଇ ଲୋକଙ୍କଠାରୁ ୧୦ଗୁଣା ଜରିମାନା ଆଦାୟ କରାଯାଉଛି। ଏହାକୁ ଲୋକେ ସହଜରେ ଗ୍ରହଣ କରୁ ନ ଥିବାବେଳେ ଶନିବାର ରାଜମହଲ ଛକରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ହୋଇଥିଲା। ଲୋକେ ଥାନା ଭ୍ୟାନକୁ ଭଙ୍ଗାରୁଜା କରିବା ସହ ପୋଲିସକୁ ମାଡ଼ ମାରିଥିଲେ। ଏଥିସହ ସହରର ବିଭିନ୍ନ ସ୍ଥାନରେ ଉତ୍ତେଜନା ଦେଖାଦେଇଥିଲା। ଏ ସଂକ୍ରାନ୍ତରେ ରବିବାର ଟ୍ୱିନ୍ ସିଟିର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସ୍ପଷ୍ଟୀକରଣ ରଖିଛନ୍ତି। କମିଶନର କହିଛନ୍ତି, ପୋଲିସ ବିଭାଗର ସମସ୍ତ ଗାଡ଼ି ଏସ୍‌ପି ଫିଏମ୍‌ଜିଙ୍କ ଜରିଆରେ କିଣାଯାଇଛି। କୌଣସି ଗୋଟିଏ ବି ଗାଡି ବେଆଇନ ଭାବେ ଚଳାଯାଉ ନାହିଁ। ଭୁବନେଶ୍ୱର-କଟକ ପୋଲିସ ୱେବ୍‌ସାଇଟ୍ (www.bhubaneswarcuttackpolice.gov.in)ରେ ପୋଲିସ ଗାଡ଼ିର ସମସ୍ତ ତଥ୍ୟ ରହିଛି। ସେହିଭଳି ୱେବ୍‌ସାଇଟ୍ www.vahan.nic.inରେ ମଧ୍ୟ ରାଜ୍ୟରେ ଚାଲୁଥିବା ସମସ୍ତ ପୋଲିସ ଗାଡିର ଟିକିନିଖି ତଥ୍ୟ ରଖାଯାଇଛି। ଲୋକେ ଚାହିଁଲେ ସବୁକିଛି ତଥ୍ୟ ସେଥିରୁ ଦେଖିପାରିବେ ବୋଲି ପୋଲିସ କମିଶନର କହିଛନ୍ତି।

**କୋହଳ ହେଲା ନିୟମ: କମିଶନର**



ରାଜମହଲ ଛକ ଘଟଣାରେ ୪ ଗିରଫ

# ଗିରଫଦାରିକୁ ମାନବାଧିକାର କର୍ମୀଙ୍କ ବିରୋଧ

ଭୁବନେଶ୍ୱର, ୮।୯ (ବ୍ୟୁରୋ)

ରାଜମହଲ ଛକ ପୋଲିସ-ଜନତା ଖଣ୍ଡଯୁଦ୍ଧ ଘଟଣାରେ ପୋଲିସ ଉତ୍ତେଜନା ସୃଷ୍ଟି କରିଥିବା ଅଭିଯୋଗରେ ୪ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଅଶୋକନଗରର ଲକ୍ଷ୍ମଣ ଖମାରୀ(୪୩),ବଡଗଡ ବ୍ରିଟ୍ କଲୋନୀର ରାଜେଶ କୁମାର ସାହୁ(୨୧), ପାଇକନଗରର ବିଜୟ କୁମାର ସାହୁ(୪୫) ଓ ପୁରୁଣା ଭୁବନେଶ୍ୱରର ଶୁକ ସୌଭାଗ୍ୟ ସାହୁ(୩୧)। ପୋଲିସ ଆଇପିସି ଦଫା ୧୪୭, ୧୪୮, ୨୮୨, ୨୮୩, ୩୦୭, ୩୫୩, ୫୦୨, ୨୯୪, ୧୩୯ ଅନୁଯାୟୀ ମାମଲା (ନଂ. ୩୧୬/୧୯) ରୁଜୁକରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ତେବେ ପୋଲିସର ଏଭଳି ଗିରଫଦାରିକୁ ବିରୋଧ କରିଛନ୍ତି ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ। ସେ କହିଛନ୍ତି, ଯେଉଁଭଳି ଭାବେ ସାଧାରଣ ଲୋକଙ୍କଠାରୁ ମୋଟାଅଙ୍କର ଜରିମାନା କରାଯାଇ ଜୁଲମ କରାଯାଉଥିଲା ତାହା ଠିକ୍ ନ ଥିଲା। ଏହାସହ ଜରିମାନାରେ ମଧ୍ୟ ପକ୍ଷପାତିତା କରାଯାଉଥିଲା। ଯେତେବେଳେ ପୋଲିସର ଆକ୍ରୋଶ ସୀମା ଟପିଲା, ସେତେବେଳେ ଲୋକେ ବିରୋଧ କଲେ। କିନ୍ତୁ ପୋଲିସ ତାହାକୁ ଚାପିଦେବାକୁ ଯାଇ ଲାଠିମାଡ଼ କଲା। ପୁଣି ଓଲଟି ଗିରଫ କରିବା ଅଗଣତାନ୍ତ୍ରିକ ବୋଲି କାନୁନ୍‌ଗୋ କହିଛନ୍ତି।

## 'ପୋଲିସ ବାବୁ...ସିଟ୍ ବେଲ୍ଟ ବାନ୍ଧନ୍ତୁ'

ପୋଲିସ ନିଜେ ସିଟ୍ ବେଲ୍ଟ ବାନ୍ଧୁନି, ହେଲ୍‌ମେଟ ପିନ୍ଧୁନି, ଗାଡିର କାଗଜପତ୍ର ଠିକ୍ ରଖୁନି। ଏହାକୁ ନେଇ ଶନିବାର ଭୁବନେଶ୍ୱରରେ ଲାଠିଚାର୍ଜ ଓ ଢେଲାମାଡ଼ ହୋଇଥିଲା। ଏହାପରଠାରୁ ଲୋକେ ପୋଲିସକୁ ଟାର୍ଗେଟ କରିଛନ୍ତି। ରବିବାର କେଶରୀ ଟକିଜ୍ ପାର୍ଶ୍ୱ ରାସ୍ତାରେ ଏକ ପିସିଆର୍ ଭ୍ୟାନ୍ ଯାଉଥିଲା। ଚାଳକ ଜଣକ ସିଟ୍ ବେଲ୍ଟ ବାନ୍ଧି ନ ଥିବା ଦେଖି ପାଖ ଦୋକାନରେ ଥିବା କେତେଜଣ ଲୋକ କଟାକ୍ଷ କରିଥିଲେ। ଜଣେ ଲୋକ ବଡ଼ ପାଟି କରି 'ପୋଲିସ ବାବୁ...ସିଟ୍ ବେଲ୍ଟ ବାନ୍ଧନ୍ତୁ' ବୋଲି କହି ମଜା ଉଠାଇଥିଲେ। ଏହାଶୁଣି ଚାଳକ ଜଣକ ଗାଡ଼ିକୁ ଅଟକାଇ କିଛି ସମୟ ଲୋକଙ୍କ ଆଡକୁ କଟମଟ କରି ଚାହିଁଥିଲେ। ପରେ ସିଟ୍ ବେଲ୍ଟ ଲଗାଇ ଆଗକୁ ଯାଇଥିଲେ।

## କେବେ ଚେତିବେ ଜନତା



ଭୁବନେଶ୍ୱର ଆର୍‌ଟିଓ ଅଫିସ-୧ରେ ଲାଇସେନ୍ସ ଓ ଗାଡ଼ିର ବିଭିନ୍ନ କାଗଜପତ୍ର ପାଇଁ ଆବେଦନ କରିବାକୁ ଲୋକେ ରଙ୍ଗରୁଟ୍‌ରେ ଆସି ରାସ୍ତା ଉପରେ ଗାଡ଼ି ରଖୁଛନ୍ତି।



ଭୁବନେଶ୍ୱର ଆଚାର୍ଯ୍ୟବିହାର ଟ୍ରାଫିକ୍ ଛକରେ ନିୟମ ଉଲ୍ଲଂଘନ କରି ମନଇଚ୍ଛା ଗାଡ଼ି ଚଳାଚଳ କରୁଛି।



ସତ୍ୟନଗର ପେଟ୍ରୋଲ ପମ୍ପ ନିକଟ ଛକରେ ଟ୍ରାଫିକ୍ ପୋଲିସ ଉପସ୍ଥିତିରେ ରଙ୍ଗରୁଟ୍‌ରେ ଯାଉଛନ୍ତି ଲୋକେ।

(ଫଟୋ: ମୌସମ ନନ୍ଦ)



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



# ଅଢ଼େଇ ବର୍ଷ ପରେ ବି ନିୟମ ମାନିଲେନି ସ୍କୁଲ କର୍ତ୍ତୃପକ୍ଷ

■ ଛାତ୍ରୀଛାତ୍ରଙ୍କ ସୁରକ୍ଷା କଥା ଭୁଲିଗଲା ପରିବହନ ବିଭାଗ
■ ୧୨୮ ବିଦ୍ୟାଳୟରେ ଗଠନ ହେଲାନି ସ୍କୁଲ ଲେଭଲ ଟ୍ରାନ୍ସପୋର୍ଟ କମିଟି

କଟକ ରୋଡ,୮।୯(ଡି.ଏନ୍.ଏ.)

ଜନସାଧାରଣଙ୍କ ସୁରକ୍ଷା ପାଇଁ ପରିବହନ ବିଭାଗ ଓ କମିଶନରେଟ ପୋଲିସ ଟ୍ରାଫିକ ନିୟମକୁ କଡ଼ାକଡ଼ି କରିଛି। ଏ ନେଇ ଦୈନନ୍ଦିନ ନିୟମ ଉଲ୍ଲଂଘନ କରୁଥିବା ଗାଡି ମାଲିକଙ୍କୁ ଜରିମାନା କରାଯାଉଛି। କିନ୍ତୁ ଦୀର୍ଘ ଅଢେଇ ବର୍ଷ ପୂର୍ବେ ସ୍କୁଲ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ଓ ପରିବହନ ବିଭାଗ ଅଧିକାରୀ କରିଥିବା ନିୟମ ଏଯାବତ କାର୍ଯ୍ୟକାରୀ ହୋଇ ନାହିଁ।

ସୂଚନା ଅନୁଯାୟୀ, ସ୍କୁଲ ବସରେ ଯାଉଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥା ଠିକ୍ ଭାବେ ରହିଛି କି ନାହିଁ ସେ ନେଇ ସୁପ୍ରିମକୋର୍ଟ ୨୦୧୬ମସିହାରେ ବ୍ୟବସ୍ଥାର ତଦାରଖ ସହ କେତେକ ନିୟମ ପାଳନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ୨୦୧୬ ଡିସେମ୍ବର ୭ରେ ତତ୍କାଳୀନ ଖୋର୍ଦ୍ଧା ଜିଲାପାଳ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ(୧) ପ୍ରଦୀପ ମହାନ୍ତି, ତତ୍କାଳୀନ ଟ୍ରାଫିକ ଏସପି ଯତୀନ ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀଙ୍କ ସହ ମୋଟର ଭେଇକିଲ ଇନ୍ସପେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ଯାତ୍ରା ପାଇଁ ଜିଲା ପ୍ରଶାସନ ବିଭିନ୍ନ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ସହଯୋଗ ଲୋଡିଥିଲେ। ରାଜଧାନୀ ଓ ଏହାର ଉପକଣ୍ଠରେ ଥିବା ୧୩୦ରୁ ଊର୍ଦ୍ଧ୍ୱ ସ୍କୁଲ କର୍ତ୍ତୃପକ୍ଷ ଉକ୍ତ ବୈଠକରେ ଯୋଗଦେଇଥିଲେ। ବିଦ୍ୟାଳୟକୁ ଆସୁଥିବା ପିଲାମାନେ ସ୍କୁଲ ଟ୍ରାନ୍ସପୋର୍ଟ ପଲିସି କ୍ଷେତ୍ରରେ କିଭଳି ସହଜ ଓ ବିପଦମୁକ୍ତ ଭାବେ ଯାତାୟାତ କରିବେ ସେନେଇ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବିଦ୍ୟାଳୟରେ ଏକ ସ୍କୁଲ ଲେଭଲ ଟ୍ରାନ୍ସପୋର୍ଟ କମିଟି ଗଠନ କରାଯିବ। ଉକ୍ତ କମିଟିରେ ସ୍କୁଲ କର୍ତ୍ତୃପକ୍ଷ ମୁଖ୍ୟ ରହିବା ସହ ପ୍ୟାରେଣ୍ଟ-ଟିଚର ଆସୋସିଏଶନର ଜଣେ ସଦସ୍ୟ ଓ ସ୍ଥାନୀୟ ଥାନାର ଏସଆଇ, ର୍ୟାଙ୍କରୁ ଊର୍ଦ୍ଧ୍ୱ ଅଧିକାରୀ, ଏମଭିଆଇ ଏବଂ ଶିକ୍ଷା ବିଭାଗର ଅଧିକାରୀ ଏହି କମିଟିରେ ରହିବେ। ପ୍ରତ୍ୟେକ ମାସରେ ଉକ୍ତ କମିଟି ସ୍କୁଲର ନିଜସ୍ୱ ବସ କିମ୍ବା ଠିକା ମାଧ୍ୟମରେ ନେଇଥିବା ବସର କାଗଜପତ୍ର ଓ ଏହାର ଆନୁଷଙ୍ଗିକ ବ୍ୟବସ୍ଥା ଯାଞ୍ଚ କରିବା ସହ ସ୍କୁଲ ବସରେ ଯାଉଥିବା ଛାତ୍ରୀଛାତ୍ରଙ୍କ ପ୍ରତି ବସ କର୍ମଚାରୀ କିମ୍ବା ଆଟେଣ୍ଡାଣ୍ଟ କିଭଳି ବ୍ୟବହାର କରୁଛନ୍ତି ସେନେଇ କମିଟି ମତାମତ ଲୋଡ଼ିବ। ପରେ ଉକ୍ତ ମତାମତ ଜିଲାସ୍ତରୀୟ ପରିବହନ କମିଟିକୁ ଅବଗତ କରାଯିବ। ଏହି କମିଟିରେ ଜିଲାପାଳ ଅଧ୍ୟକ୍ଷ ରହିବା ସହ ଆଞ୍ଚଳିକ ପରିବହନ ଅଧିକାରୀ, ଭୁବନେଶ୍ୱର ଡିସିପି, ଜିଲା ଶିକ୍ଷା ଅଧିକାରୀ ଓ ଏମ୍‌ଭିଆଇ ସଦସ୍ୟ ରହିବେ। ସ୍କୁଲ ଲେଭଲ ଟ୍ରାନ୍ସପୋର୍ଟ କମିଟି ପକ୍ଷରୁ ଦିଆଯାଉଥିବା ରିପୋର୍ଟ ପ୍ରତି ୩ ମାସରେ ଜିଲାସ୍ତରୀୟ ପରିବହନ କମିଟି ପକ୍ଷରୁ ତର୍ଜମା କରାଯିବ। ଆବଶ୍ୟକ ପଡିଲେ ଅଚାନକ ଭାବେ ସ୍କୁଲ ପରିସର କିମ୍ବା ରାସ୍ତାରେ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ବସକୁ ଅଟକାଇ ଜିଲାସ୍ତରୀୟ କମିଟିରେ ଥିବା ଅଧିକାରୀମାନେ ଯାଞ୍ଚ କରିବେ ବୋଲି ତତ୍କାଳୀନ ଜିଲାପାଳ ସାହୁ ସମସ୍ତ ସ୍କୁଲର କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ତୁରନ୍ତ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବୈଠକରେ ଯୋଗଦେଇଥିବା ସ୍କୁଲ କର୍ତ୍ତୃପକ୍ଷ ପରବର୍ତ୍ତୀ ସମୟରେ ଏହା କାର୍ଯ୍ୟକାରୀ କଲେ କି ନାହିଁ ସେ ନେଇ ପ୍ରଶାସନ କିମ୍ବା ପରିବହନ ବିଭାଗ ଯାଞ୍ଚ କଲେ ନାହିଁ। ଫଳରେ ଦୀର୍ଘ ଅଢେଇ ବର୍ଷ ପରେ ଅଦ୍ୟାବଧି ୧୨୮ସ୍କୁଲ ଏହି କମିଟି ଗଠନ କରିପାରି ନ ଥିବା ଆଞ୍ଚଳିକ ପରିବହନ ଅଧିକାରୀ ମହାନ୍ତି କହିଛନ୍ତି। ବାସ୍ତବ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ ବୈଠକରେ ଉପସ୍ଥିତ ଥିବା ଜିଲା ପ୍ରଶାସନ, କମିଶନରେଟ ପୋଲିସ, ପରିବହନ ଓ ଶିକ୍ଷା ବିଭାଗ କେତେ ଯତ୍ନବାନ ଏହି ଘଟଣା ସ୍ପଷ୍ଟ କରିଛି। ଏ ନେଇ ଆଞ୍ଚଳିକ ପରିବହନ ଅଧିକାରୀ ମହାନ୍ତି କୁହନ୍ତି, କେବଳ ୨ଟି ଘରୋଇ ସ୍କୁଲ ଲେଭଲ ଟ୍ରାନ୍ସପୋର୍ଟ କମିଟି ଗଠନ କରିଛନ୍ତି। ଅନ୍ୟ ସ୍କୁଲଗୁଡିକ ଗଠନ କରି ନ ଥିବା ଜଣାପଡିଛି। ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଯୋଗୁ ସେଥିପ୍ରତି ଦୃଷ୍ଟି ଦିଆଯାଇନାହିଁ। ସ୍କୁଲ କର୍ତ୍ତୃପକ୍ଷ କମିଟି ଗଠନ କରି ନ ଥିବା ବାବଦରେ ଜଣାପଡିବା ପରେ ଗୁରୁବାର ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ଶତପଥୀ କୁହନ୍ତି, ଏତେ ସଂଖ୍ୟକ ସ୍କୁଲରେ ଟ୍ରାନ୍ସପୋର୍ଟ କମିଟି ଗଠନ ହୋଇ ନ ଥିବା ବାବଦରେ ମୋ ନିକଟରେ ସୂଚନା ନାହିଁ। ଖୁବଶୀଘ୍ର ସମସ୍ତ ପୁଣି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏକ ବୈଠକ ମାଧ୍ୟମରେ ତୁରନ୍ତ ନିୟମ ପାଳନ ପାଇଁ କୁହାଯିବ।

## ଅନନ୍ତବିହାର ଡ୍ରେନ ନିର୍ମାଣ ଆରମ୍ଭ

ଭୁବନେଶ୍ୱର,୮।୯(ବ୍ୟୁରୋ)

ପୋଖରୀପୁଟସ୍ଥିତ ଅନନ୍ତ ବିହାରର ଡ୍ରେନ ନିର୍ମାଣ କାମ ରବିବାର ଆରମ୍ଭ ହୋଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହାର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଡ୍ରେନ ହେବାଦ୍ୱାରା ପୁରୁଣା ଡ୍ରେନଗୁଡିକରେ ଜମୁଥିବା ଆବର୍ଜନା ପାଣି ନିଷ୍କାସନ ହୋଇଯିବ। ଏହି ଅବସରରେ ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଅଶ୍ୱିନୀ ସୁନ୍ଦରାୟ, ବିଭାଗୀୟ ଉପମଣ୍ଡଳ ଅଧିକାରୀ ଗୌତମ ଦାଶ, ଇଂ. ବି.କେ ସାହୁ, ଖବରଦାତା ବିଜୟ କୁମାର ପ୍ରଧାନ, ଅନନ୍ତ ବିହାର ୱେଲଫେୟାର ଆସୋସିଏଶନ ସଭାପତି ଶ୍ରୀଧର ଦାଶ, ସମ୍ପାଦକ ସୁଶାନ୍ତ କୁମାର ପଟ୍ଟନାୟକ ଓ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ. ଏସ୍.ସି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ମାଡ଼ ଅଭିଯୋଗ: ୨ ଗିରଫ

**ବାଲକାଟୀ,୮।୯(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଟଙ୍କପାଣି ଗ୍ରାମରେ ଶନିବାର ଗଣେଶ ମୂର୍ତ୍ତି ଭସାଣିବେଳେ କେତେକ ଯୁବକ ମହିଳାମାନଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ରବିବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଏହି ଗ୍ରାମର ମନୋଜ ସାହୁ(୧୮) ଓ ବିଦ୍ୟାଧର ସାହୁ(୧୯)। ସୂଚନା ମୁତାବକ, ଶନିବାର ରାତି ୯ଟାରେ ଟଙ୍କପାଣି ଗ୍ରାମର ହୋଇଥିବା ଗଣେଶ ମୂର୍ତ୍ତିକୁ ନେଇ ସ୍ଥାନୀୟ ଯୁବକମାନେ ଭସାଣିରେ ଯାଉଥିବାବେଳେ ଗ୍ରାମର ସୁସ୍ମିତା ସାହୁ ଓ ସୁଷମା ସାହୁ ନିଜ ଘର ବାରଣ୍ଡାରେ ରହି ଶୋଭାଯାତ୍ରା ଦେଖୁଥିଲେ। କିନ୍ତୁ ପୂର୍ବଶତ୍ରୁତା ଥିବାରୁ ମନୋଜ ଓ ବିଦ୍ୟାଧର ସମେତ ଅନ୍ୟ ସହଯୋଗୀମାନେ ସେଠାରେ ରହି ଡିଜେ ଶବ୍ଦ ଜୋରରେ ବଜାଇବା ସହ ମହିଳାଦ୍ୱୟଙ୍କୁ ଅଶ୍ଳୀଳ ବ୍ୟବହାର କରିଥିଲେ। ଏହାସହ ଯୁବକମାନେ ସେମାନଙ୍କ ଉପରକୁ ଇଟା ପଥର ପକାଇ ରକ୍ତାକ୍ତ କରିଥିଲେ। ଏ ନେଇ ସୁସ୍ମିତା ଓ ସୁଷମା ବାଲକାଟୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ରବିବାର ଏ ସମ୍ପର୍କରେ ବାଲିଅନ୍ତା ପୋଲିସ ୨୨୧/୧୯ନଂ.ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଧରିଥିବା ଫାଣ୍ଡି ଅଧିକାରୀ ଦେବେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୬ ଜଣ ଫେରାର ଅଛନ୍ତି।

### ଭସାଣିରେ ମାଇକ୍ ବଜାକୁ ନେଇ ପୋଲିସର ବିରୋଧ

**ରାସ୍ତା ଅବରୋଧ କରି ୨ ଗିରଫ**

**ବାରଙ୍ଗ,୮।୯(ଡି.ଏନ୍.ଏ.):** ଚନ୍ଦକା ଥାନା ଅନ୍ତର୍ଗତ ବାରମାଣ ଆଦିବାସୀ ସାହିରେ ଗଣେଶ ପୂଜା ଭସାଣିରେ ମାଇକ ବାଜିବାକୁ ପୋଲିସ ବିରୋଧ କରଥିଲା। ଏନେଇ କେତେକ ଯୁବକ ରାସ୍ତା ଅବରୋଧ କରିବାରୁ ପୋଲିସ ଦୁଇଜଣଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାରମାଣ ଗ୍ରାମର ଭରେନ୍ଦ୍ର ନାୟକ ଓ ଗୋପି ମୁଣ୍ଡା। ସୂଚନାଯୋଗ୍ୟ, ଗତ ଶୁକ୍ରବାର ଆଦିବାସୀ ସାହିର ମଙ୍ଗଳା କ୍ଲବ ହୋଇଥିବା ଗଣେଶ ପୂଜାର ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ସହ ମାଇକ ଓ ସାଉଣ୍ଡବକ୍ସ ଲଗାଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଇକ୍ ଓ ସାଉଣ୍ଡବକ୍ସ ବଜାଇବାକୁ ବାରଣ କରିଥିଲେ। ଏହାକୁ ନେଇ ସେଠାରେ ଥିବା ଯୁବକମାନଙ୍କ ସହ ପୋଲିସର ଯୁକ୍ତିତର୍କ ହୋଇଥିଲା। ଶେଷରେ ବିନା ସାଉଣ୍ଡରେ ଶୋଭାଯାତ୍ରା ସରିଥିଲା। କିନ୍ତୁ ଶନିବାର ବାରମାଣ ସ୍କୁଲନିକଟ ଚନ୍ଦକା-ଇନଫୋସିଟି ରାସ୍ତାରେ କିଛି ଯୁବକ ଗଛକାଟି ପକାଇବା ସହ ରାସ୍ତାରେ ପଥର ରଖିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ଆସି ରାସ୍ତା ଅବରୋଧ ହଟାଇବା ପରେ ସ୍ୱାଭାବିକ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ ପରେ ଶୋଭାଯାତ୍ରାରେ ସାମିଲ ଥିବା ଯୁବକଙ୍କ ମଧ୍ୟରୁ ଭରେନ୍ଦ୍ର ଓ ଗୋପି ଏହି କାମ କରିଥିବାରୁ ସେମାନଙ୍କ ନାମରେ ୧୬୦/୧୯ନଂରେ ଏକ ମାମଲା ରୁଜୁକରି ଧରିଥିଲେ।

### ସରକାରୀ କର୍ମଚାରୀ ମାଗିପାରିବେନି ଚାନ୍ଦା

**ଭୁବନେଶ୍ୱର,୮।୯(ବ୍ୟୁରୋ):** ଗଣେଶ ପୂଜା ହାତ ପାହାନ୍ତାରେ ସରିଥିବା ବେଳେ ଆଗକୁ ପାର୍ବଣ ଋତୁ ଆସୁଛି। କୌଣସି ସରକାରୀ କର୍ମଚାରୀ ଚାନ୍ଦା ଆଦାୟ କରି ପାରିବେ ନାହିଁ ବୋଲି ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଦ୍ୱୈତନଗରୀ କଟକ, ଭୁବନେଶ୍ୱର ଡିସିପି, ଏସପି ଓ ଥାନା ଅଧିକାରୀମାନେ ଏହି ନିୟମକୁ କଡାକଡି ପାଳନ କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।



ନିକୋ ପାର୍କ ଛକ ନିକଟ ଜୟଭାରତରେ ରବିବାର ଭାରତ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଜାତୀୟ ବୃନ୍ଦଗାନ ପ୍ରତିଯୋଗିତାରେ ସୈନିକ ସ୍କୁଲର ପିଲାମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

■ ସମ୍ଭାବନାର ଗାନ୍ଧୀ ସ୍ମାରକୀ ବକ୍ତୃତା

## ଗାନ୍ଧୀ-ବୋଧ, ଗାନ୍ଧୀ-ପଣର ବିଲୟ ନାହିଁ

ଭୁବନେଶ୍ୱର,୮।୯(ବ୍ୟୁରୋ)

ମୋହନଦାସ କରମଚାନ୍ଦ ଗାନ୍ଧୀ ସମଗ୍ର ବିଶ୍ୱରେ ସତ୍ୟ ଓ ଅହିଂସାର ପ୍ରତିମୂର୍ତ୍ତି ଭାବେ ପରିଚିତ। ଗାନ୍ଧୀ ବିଚାର ସର୍ବକାଳୀନ ମୂଲ୍ୟବୋଧର ଧ୍ୱଜାଧାରୀ। ଯେଉଁଥି ପାଇଁ ତାଙ୍କର ଜନ୍ମଦିନକୁ ଜାତିସଂଘ ବିଶ୍ୱ ଅହିଂସା ଦିବସ ଭାବେ ପାଳନ କରୁଛି। ଯାହାପାଇଁ ସେଦିନର ଗାନ୍ଧୀ ଆଜି ମଧ୍ୟ ସାମ୍ପ୍ରତିକ ପ୍ରତିଫଳନରେ ଅମଳିନ। ଚିରନ୍ତନ ମୂଲ୍ୟବୋଧର ମୃତ୍ୟୁ ନାହିଁ କି 'ଗାନ୍ଧୀ-ବୋଧ, ଗାନ୍ଧୀ-ପଣ'ର ବିଲୟ ନାହିଁ ବୋଲି ଶିଶୁ ସାହିତ୍ୟିକ ଦାସ ବେନୁହୁର କହିଛନ୍ତି। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜନ୍ମବାର୍ଷିକୀ ଅବସରରେ ସମ୍ଭାବନା ଦ୍ୱାରା ଆୟୋଜିତ 'ଗାନ୍ଧୀଗାଥା ଉତ୍ସବ'ର ଗାନ୍ଧୀ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ବକ୍ତାଭାବେ ଯୋଗଦେଇ ସେ ଏହା କହିଛନ୍ତି। ଗୀତଗୋବିନ୍ଦ ସଦନରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ଆହୁରି ସେ କହିଛନ୍ତି, ଭାରତରେ ଜନ୍ମିତ ଗାନ୍ଧୀ କିନ୍ତୁ ଦକ୍ଷିଣ ଆଫ୍ରିକାରେ ସେ ଗାନ୍ଧିତ୍ୱ ପାଇଥିଲେ। ପରେ ସେ ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ମହାତ୍ମା ଓ ନେତାଜୀଙ୍କ ଦ୍ୱାରା ଜାତିର ପିତା ଭାବେ ସମ୍ବୋଧିତ ହେଲେ। କିନ୍ତୁ ଆଜିର ଦର୍ପଣରେ ସେଦିନର ମହାତ୍ମାଙ୍କୁ ନ୍ୟୁନ ଭାବେ ପ୍ରତିଫଳିତ କରିବା ପାଇଁ ଅନେକ ଦୁଷ୍ଟବୁଦ୍ଧି ତତ୍ପର। ମାତ୍ର ସେମାନେ ଭୁଲି ଯାଉଛନ୍ତି, ତାଙ୍କୁ ହତ୍ୟା କରିବା ପରେ ସେ କେବଳ ଭାରତରେ ନାହାନ୍ତି, ବରଂ ସାରା ବିଶ୍ୱରେ ତାଙ୍କ ଗୁଣଗରିମା ବ୍ୟାପିଯାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସମ୍ଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସନ୍ଧ୍ୟାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସାଂସ୍କୃତିକ, ସାହିତ୍ୟିକ ତଥା ରାଜନୈତିକ ବ୍ୟକ୍ତିତ୍ୱ ଯୋଗ ଦେଇ ବକ୍ତୃତାକୁ ଉପଭୋଗ କରିଥିଲେ। ଏହି ଅବସରରେ ଓଡ଼ିଶାରେ ଗାନ୍ଧୀ ବାତାବରଣ ସୃଷ୍ଟି ପାଇଁ ଉଦ୍ୟମକୁ ସମ୍ମାନ ଜଣାଇ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନକୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ୱେବ୍‌ସାଇଟ୍‌ରେ ପଲ୍ୟୁଶନ ଟେଷ୍ଟିଂ ସେଣ୍ଟର ତାଲିକା

ଭୁବନେଶ୍ୱର,୮।୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନ ଲାଗୁ ପରେ ଗାଡ଼ିର ପଲ୍ୟୁଶନ ସାର୍ଟିଫିକେଟ ନ ଥିଲେ ବଡ଼ ଗାଡି ପାଇଁ ୧୦ ହଜାର ଟଙ୍କା ଓ ବାଇକ ପାଇଁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଉଛି। ଏଣୁ ବହୁସଂଖ୍ୟକ ଲୋକ ପଲ୍ୟୁଶନ ସାର୍ଟିଫିକେଟ ପାଇଁ ପଲ୍ୟୁଶନ ଟେଷ୍ଟିଂ ପଏଣ୍ଟରେ ଭିଡ ଲଗାଇଥିଲେ। ଅନେକେ କେଉଁଠି ପଲ୍ୟୁଶନ ଟେଷ୍ଟିଂ ସେଣ୍ଟର ରହିଛି, ତାହା ସ୍ୱୀକୃତିପ୍ରାପ୍ତ କି ନାହିଁ ସେ ବିଷୟରେ ଜାଣିବାକୁ ଘୋର ଅସୁବିଧା ଭୋଗୁଥିଲେ। ଏନେଇ ଅଭିଯୋଗ ହେବାରୁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ତଦନୁଯାୟୀ ରାଜ୍ୟରେ କେଉଁଠି ପଲ୍ୟୁଶନ ଟେଷ୍ଟିଂ ପଏଣ୍ଟ ରହିଛି ତାହା ଜାଣିବା ପାଇଁ ୱେବ୍‌ସାଇଟ୍ (www.orissatransport.nic.in ଏବଂ www.odishatransport.gov.in)ରେ ତଥ୍ୟ ଉପଲବ୍ଧ କରାଯାଇଛି। ସୂଚନାଥାଉ କି, ଭୁବନେଶ୍ୱରରେ ୨୧ ଘରୋଇ ସଂସ୍ଥାକୁ ପଲ୍ୟୁଶନ ଟେଷ୍ଟ ପାଇଁ ସ୍ୱୀକୃତି ଦିଆଯାଇଛି। ସେଥିମଧ୍ୟରେ ୬ଟି ସଂସ୍ଥା ପଲ୍ୟୁଶନ ଟେଷ୍ଟ କରି ସାର୍ଟିଫିକେଟ ଦେଉଛନ୍ତି। ତେଣୁ ଲୋକେ ହଇରାଣ ହେବା ସହ ସେଣ୍ଟରଗୁଡ଼ିକରେ ଭିଡ଼ ଜମୁଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ୨ ଆରଟିଓ ପକ୍ଷରୁ ରବିବାର ସ୍ଥିତି ଅନୁଧ୍ୟାନ କରାଯାଇଛି। ରବିବାର ଆରଟିଓ ଅଧିକାରୀମାନେ ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ପଲ୍ୟୁଶନ ଟେଷ୍ଟିଂ ସେଣ୍ଟରକୁ ଯାଇ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଭିଡ଼ ଆଡେଇବାକୁ ଟୋକନ ବ୍ୟବସ୍ଥା କରିବା ଏବଂ ନିର୍ଦ୍ଧାରିତ ଫିଠାରୁ ଅଧିକ ଟଙ୍କା ଆଦାୟ ନ କରିବାକୁ ଆରଟିଓ ଅଧିକାରୀମାନେ ପଲ୍ୟୁଶନ ଟେଷ୍ଟିଂ ପଏଣ୍ଟର କର୍ମଚାରୀଙ୍କୁ କହିଥିଲେ।

## ସାମ୍ବାଦିକ ଦିଲୀପ ଶତପଥୀଙ୍କ ପରଲୋକ

ଭୁବନେଶ୍ୱର, ୮।୯(ବ୍ୟୁରୋ)



ବରିଷ୍ଠ ସାମ୍ବାଦିକ ଦିଲୀପ ଶତପଥୀଙ୍କ ରବିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ୍‌ରେ ପରଲୋକ ଘଟିଛି। ତାଙ୍କୁ ୫୬ବର୍ଷ ହୋଇଥିଲା। ସେ ଗତ କିଛି ମାସ ହେବ ରକ୍ତ କର୍କଟ ରୋଗରେ ପୀଡ଼ିତ ଥିଲେ। ରବିବାର ହଠାତ୍ ଅସୁସ୍ଥ ହୋଇପଡ଼ିବା ପରେ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ମରଶରୀରକୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଅଣାଯାଇଥିଲା। ସେ ରେଭେନ୍ସା ମହାବିଦ୍ୟାଳୟର ଛାତ୍ର ଥିଲେ। ଗତ ଅଶି ଦଶକରେ ସେ ଓଡ଼ିଆ ଦୈନିକ ଖବରକାଗଜରୁ ତାଙ୍କ ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ। ପରେ ସେ ବିଜ୍‌ନେସ ଷ୍ଟାଣ୍ଡାର୍ଡ ଭୁବନେଶ୍ୱର ସଂସ୍କରଣର ରେସିଡେଣ୍ଟ ଏଡିଟର ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସିଥିଲେ। ସେ ଜଣେ ବିଶିଷ୍ଟ ଅର୍ଥନୈତିକ ଓ ରାଜନୈତିକ ସମୀକ୍ଷକ ଭାବେ ଜଣାଶୁଣା। ଦିଲୀପ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ୍‌ରେ ସାମ୍ପ୍ରତିକ ପ୍ରସଙ୍ଗକୁ ନେଇ ହେଉଥିବା ଆଲୋଚନାରେ ଭାଗ ନେଉଥିଲେ। ଏଥିସହିତ ସେ କେତେକ ସାମ୍ବାଦିକତା ଶିକ୍ଷାନୁଷ୍ଠାନରେ ଅଧ୍ୟାପନା କରୁଥିଲେ। ପରଲୋକ ଖବର ଜଣାପଡ଼ିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ହସ୍ପିଟାଲ୍‌ରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଛନ୍ତି।

## ମଠ ମନ୍ଦିର ସୁରକ୍ଷା ପରିଷଦ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର



ମଠ ମନ୍ଦିର ସୁରକ୍ଷା ପରିଷଦର କର୍ମକର୍ତ୍ତା ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ପୁରୁଣା ଭୁବନେଶ୍ୱର,୮।୯(ଡି.ଏନ.ଏ.)

ସମ୍ପ୍ରତି ପୁରୀରେ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଶ୍ରୀମନ୍ଦିର ସନ୍ନିକଟରେ ଥିବା ଏମାର ମଠ, ବଡ ଆଖଡା ମଠ, ରେବଣା ମଠ, ତ୍ରିମାଳି ମଠ, ତୋରାଣୀ ଛତ୍ର ମଠ ପ୍ରାୟ ୫ ଶହ ବର୍ଷର। ମନ୍ଦିର ଚତୁଃପାର୍ଶ୍ୱରେ ସନାତନ ହିନ୍ଦୁ ଧର୍ମାଚାର୍ଯ୍ୟମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମଠଗୁଡିକୁ ଉଚ୍ଛେଦ କରିବା କାର୍ଯ୍ୟକୁ ବିରୋଧ କରି ମଠ ମନ୍ଦିର ସୁରକ୍ଷା ପରିଷଦ ସଦସ୍ୟମାନେ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଏମାର ମଠ ଏକାଦଶ ଶତାବ୍ଦୀରେ ଚତୁଃ ସମ୍ପ୍ରଦାୟ ଶ୍ରୀମଦ୍ ଆଚାର୍ଯ୍ୟ ରାମାନୁଜ ପ୍ରତିଷ୍ଠା କରିଥିଲେ। ଶ୍ରୀମନ୍ଦିର ସହ ଏକଦା ଏହି ମଠ ସହ ଅନେକ ସେବା ପୂଜା ଜଡିତ ରହିଥିଲା। ଏପରି କି ଶ୍ରୀମନ୍ଦିରର ପୂଜାର୍ଚ୍ଚନା ଆଦି କେତେକ ଖର୍ଚ୍ଚ ଉକ୍ତ ସମୟରେ ବହନ କରିଥିଲେ। ଏଭଳି ଐତିହାସିକ ମୂକସାକ୍ଷୀ ମଠଟିକୁ ସରକାର ପୂର୍ବରୁ ସୂଚନା ନ ଦେଇ ୨୪ ଘଣ୍ଟିଆ ନୋଟିସ ବଳରେ ଭାଙ୍ଗିବା ଦୁର୍ଭାଗ୍ୟ ବୋଲି ଦର୍ଶାଯାଇଛି। ଏହାସହ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଆଦି ବିଭାଗକୁ ପତ୍ର ପ୍ରେରଣ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପରିଷଦ ସଭାପତି ମହନ୍ତ କୃଷ୍ଣଚରଣ ଦାସ ଗୋସ୍ୱାମୀ, ସରୋଜ ମିଶ୍ର, ହିମାଂଶୁ ହୋତା, ଅନୁପ ଉଦୟ ସେନାପତି ଉପସ୍ଥିତ ଥିଲେ।

## ଏନ୍‌ଏଚ୍‌ଆର୍‌ସିରେ କିଡ୍‌ନୀ କାଢ଼ିନେବା ମାମଲା

## ୨ଲକ୍ଷ କ୍ଷତିପୂରଣ ସହ ଆପୋଲୋ ହସ୍ପିଟାଲ ପଞ୍ଜୀକରଣ ରଦ୍ଦ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୮।୯(ବ୍ୟୁରୋ)

ବରଗଡ଼ ଜିଲାର ଅନିଲ ସ୍ୱାମୀଙ୍କ କିଡ୍‌ନୀ କାଢି ନେବା ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ମାମଲାର ବିଚାର କରି କମିଶନ ପୀଡିତଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଆପୋଲୋ ହସ୍ପିଟାଲର ପଞ୍ଜୀକରଣ ରଦ୍ଦ କରିବାକୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେଇ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ କମିଶନର କହିଛନ୍ତି। ଏହାସହ ମାନବ ଶରୀରର ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ଆକ୍ଟ ୧୯୯୪ ଧାରା ୧୬ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ୨୦୧୩ରେ ଅନିଲ ଆପୋଲୋ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ଚିକିତ୍ସା ସମୟରେ ତାଙ୍କ ଅଜାଣତରେ କିଡ୍‌ନୀ କାଢି ନିଆଯାଇଥିଲା। ଏନେଇ ୨୦୧୬ରେ ବରଗଡ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ ଅନିଲ। ସେତେବେଳେ ଏହି ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ମାନବିକ ଅଧିକାର କର୍ମୀ ଅଖଣ୍ଡ ଏନ୍‌ଏଚ୍‌ଆରସିରେ ଅଭିଯୋଗ କରିଥିଲେ।

## ୧୨୩ ପ୍ରକଳ୍ପ ପ୍ରଦର୍ଶିତ

ବାଲିଅନ୍ତା,୮।୯(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ଅଲାରପୁର (ରଙ୍ଗ ବଜାର)ସ୍ଥିତ ମା' ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରର ଏକାଦଶ ବାର୍ଷିକ ବିଜ୍ଞାନମେଳା-୨୦୧୯ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ଜୁନିୟର ବିଭାଗର ୨୭ ଓ ସିନିୟର ବିଭାଗର ୯୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## 'ସ୍ୱାମୀ ଶିବାନନ୍ଦଙ୍କ ବାଣୀରେ ଆତ୍ମସାକ୍ଷାତକାର ପ୍ରାପ୍ତ ହୁଏ'



**ଭୁବନେଶ୍ୱର,୮।୯(ବ୍ୟୁରୋ)-** ବିଶ୍ୱଗୁରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୧୩୨ତମ ଜୟନ୍ତୀ ସମାରୋହ ରବିବାର ଅଶୋକନଗରସ୍ଥିତ ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ରରେ ପାଳିତ ହୋଇଯାଇଛି। ସପ୍ତଦଶ ଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ପ୍ରଥମ ଦିନ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଅବସରରେ ସକାଳ ୬ଟାରେ କେନ୍ଦ୍ରର ଶୈଳରାଣୀ ମିଶ୍ରଙ୍କ ଦ୍ୱାରା ପ୍ରାର୍ଥନା, ଧ୍ୟାନ କରାଯାଇଥିଲା। ପରେ ଦିବ୍ୟ ଜୀବନ ସଂଘର ବରିଷ୍ଠ ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ଦିବ୍ୟ ଜୀବନ ଧ୍ୱଜା ଉତ୍ତୋଳନ କରି ଉପସ୍ଥିତ ସଦସ୍ୟା/ସଦସ୍ୟମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ସଦ୍‌ଗୁରୁଦେବ ସ୍ୱାମୀ ଶିବାନନ୍ଦଙ୍କ ବାଣୀକୁ ବାସ୍ତବରେ ପାଳନ କଲେ ସାଧକମାନେ ନିଶ୍ଚିତ ଭାବେ ଆତ୍ମସାକ୍ଷାତକାର ପ୍ରାପ୍ତ ହେବେ ବୋଲି ସ୍ୱାମୀ ଜଗନ୍ନାଥାନନ୍ଦ ଅଭିଭାଷଣରେ କହିଥିଲେ। ସ୍ୱାମୀ ପୁରୁଷୋତ୍ତମାନନ୍ଦ, ସ୍ୱାମୀ ଆତ୍ମାନନ୍ଦ, ସ୍ୱାମୀ ଜିଜ୍ଞାସାନନ୍ଦ, ସ୍ୱାମୀ ସଦାଶିବାନନ୍ଦ, ସ୍ୱାମୀ ବିଧୟାନନ୍ଦ ସରସ୍ୱତୀ ତଥା ଚକ୍ରଧର ପାଣି, ତାରିଣୀ ଚରଣ ପାଢ଼ୀ, ଅନ୍ନପୂର୍ଣ୍ଣା ଦାସ, ବୀରକିଶୋର ଦାଶ ପ୍ରମୁଖ ଗୁରୁଦେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱାମୀ ଶିବାନନ୍ଦଙ୍କ ଏକ ସଂସ୍କରଣ ଓ ଶିବାନନ୍ଦଙ୍କ ନିତ୍ୟପାଠ ଗୀତା ଉନ୍ମୋଚନ ହୋଇଥିଲା। ଏହି ସମାରୋହରେ ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ରର ସଭାପତି ଶରତ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ କ୍ଷୀରୋଦ ନାଥ ମହାପାତ୍ର ଓ ଯୁଗ୍ମ ସମ୍ପାଦକ ନରସିଂହ ଆଚାରୀ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧାବଲ୍ଲଭ ସିଂହ, ଅଭୟ କୁମାର ଓଝା, ତାରିଣୀରଞ୍ଜନ ସାହୁ, ପ୍ରଭାକର ମହାରଣା, ବିରଞ୍ଚିନାରାୟଣ ସାହୁ ଓ ଅଦ୍ୱୈତ ପ୍ରସାଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

■ ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘର ୧୯ତମ ବାର୍ଷିକୋତ୍ସବ

## ସର୍ବଭାରତୀୟ ସ୍ତରରେ ପ୍ରତିଭାର ପରିଚୟ ଦିଅନ୍ତୁ ସାହିତ୍ୟିକ

ଭୁବନେଶ୍ୱର, ୮।୯(ବ୍ୟୁରୋ)

ସାହିତ୍ୟିକଙ୍କ କଲମ ବହୁ ଲୋକଙ୍କୁ ପ୍ରେରଣା ଯୋଗାଇଥାଏ। ସାହିତ୍ୟିକମାନେ ସମାଜକୁ ନୂତନ ଦିଗଦର୍ଶନ ଦେବା ସହିତ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ହୋଇଥାନ୍ତି। ନିଜ ସାହିତ୍ୟ ସୃଷ୍ଟି ମାଧ୍ୟମରେ ସେମାନେ ଅନ୍ୟାୟ, ଅନୀତି ବିରୋଧରେ ନିର୍ଭୀକ ଭାବେ ସ୍ୱର ଉତ୍ତୋଳନ କରିପାରନ୍ତି ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘର ୧୯ତମ ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରି ଷଡ଼ଙ୍ଗୀ ସାହିତ୍ୟିକମାନଙ୍କୁ ଏକାଠି ହୋଇ ପରିବର୍ତ୍ତନ ପାଇଁ ଲଢ଼ିବାକୁ ଆହ୍ୱାନ ଦେଇଥିଲେ।

ଉତ୍ସବରେ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସାହିତ୍ୟ ଜୀବନରେ ଶାନ୍ତି ଆଣିଥାଏ। ଓଡ଼ିଆ ଜାତିର ବୀରତ୍ୱର ଗାଥା ବର୍ଣ୍ଣନା କରିବା ସହ ସାହିତ୍ୟିକମାନେ ନିର୍ଭୀକ ଭାବେ ଲେଖନୀ ଚାଳନା କରିବା ଉଚିତ। ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ବାବୁ ସିଂହ, 'ଉନ୍ନତିପଥେ'ର ସଂପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପୂର୍ବତଟ ରେଲୱେର ବରିଷ୍ଠ ଅଧିକାରୀ କବି ନିରାକାର ଦାସ, କବି କିରଣବାଳା ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପରମବ୍ରହ୍ମ ତ୍ରିପାଠୀଙ୍କୁ 'କବି ବିଭୂଦ ମିଶ୍ର ସ୍ମୃତି ସମ୍ମାନ', ପ୍ରଫେସର ଅଭିନ୍ନ ଚନ୍ଦ୍ର ସାହୁଙ୍କୁ 'କବି ଏକାଦଶୀ ବୋଇତାଇ ସ୍ମୃତି ସମ୍ମାନ', ବାସୁଦେବ ହୋତାଙ୍କୁ 'କବି ନରସିଂହ ନନ୍ଦ ସ୍ମୃତି ସମ୍ମାନ', ଗଣେଶ ବାରିକଙ୍କୁ 'ଚିତ୍ରଶିଳ୍ପୀ ଅସୀମ ବସୁ ସ୍ମୃତି ସମ୍ମାନ', ରୋଟାରିଆନ ବସନ୍ତ କୁମାର ଦାନୀଙ୍କୁ 'ସମାଜସେବା ସମ୍ମାନ', ଦିପ୍ତୀପ୍ରଭା ରଥଙ୍କୁ 'କାବ୍ୟଭାରତୀ ସୁନ୍ଦରମଣି ପଟ୍ଟନାୟକ ସ୍ମୃତି ସମ୍ମାନ', ଫକୀର ବାଡ଼ାଙ୍କୁ 'ଗାୟକ ମାନସ ଉପାଧି', ପ୍ରଫେସର ବିଜୁଳି ଚରଣ ସୂତାରଙ୍କୁ 'ଶ୍ରେଷ୍ଠ ଶିକ୍ଷକ ସମ୍ମାନ', ରାଜକିଶୋର ମହାପାତ୍ରଙ୍କୁ 'ଉତ୍କଳମଣି ଗୋପବନ୍ଧୁ ସେବା ସମ୍ମାନ', ନରେନ୍ଦ୍ର ବାରିକଙ୍କୁ 'ଗାୟକ ପାରିଜାତ ଉପାଧି', କୃଷ୍ଣଚନ୍ଦ୍ର ଝପଟସିଂଙ୍କୁ 'ରାମନାଟକ ଗୁରୁ ସମ୍ମାନ', ଶିବଶଙ୍କର ଜେନାଙ୍କୁ 'ସମାଜସେବା ସମ୍ମାନ', ଅର୍ପିତା ନନ୍ଦଙ୍କୁ 'କବିତା ସମ୍ମାନ' ପ୍ରଦାନ କରାଯାଇଥିଲା। ମହାସଂଘ ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚନ କରାଯିବା ସହ ସୂର୍ଯ୍ୟ ମହାନ୍ତିଙ୍କ ଲିଖିତ 'କିଛି ସ୍ମୃତି କିଛି ଅନୁଭବ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।







ଶ୍ରୀମନ୍ଦିର ନିକଟରୁ ଉଚ୍ଛେଦ ହେବା ପୂର୍ବରୁ ଓ ଏବେକାର ବଡ଼ଦାଣ୍ଡର ଦୃଶ୍ୟ। (ଫଟୋ: ଅନିଲ କୁମାର ସାହୁ)

## ସଂକ୍ଷେପରେ

### ଉଚ୍ଛେଦକୁ ବିରୋଧ
## ଆଜି ଅନଶନରେ ବସିବ ମଠ ମନ୍ଦିର ସୁରକ୍ଷା ପରିଷଦ

**ପୁରୀ ଅଫିସ, ୮।୯:** ପୁରୀରେ ଚାଲିଥିବା ଉଚ୍ଛେଦ ଅଭିଯାନକୁ ବିରୋଧ କରିଛି ମଠ ମନ୍ଦିର ସୁରକ୍ଷା ପରିଷଦ। ସୋମବାରଠାରୁ ପରିଷଦ କର୍ମକର୍ତ୍ତା ବଡ଼ଦାଣ୍ଡରେ ଅନଶନରେ ବସିବା ଲାଗି ନିଷ୍ପତ୍ତି ନେଇଛନ୍ତି। ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ ସଭାପତି ମହନ୍ତ କୃଷ୍ଣଚରଣ ଦାସ ଗୋସ୍ୱାମୀ କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ଆଳରେ ଐତିହ୍ୟସମ୍ପନ୍ନ ମଠଗୁଡ଼ିକୁ ବିଲୁପ୍ତ କରାଯାଉଛି। ଇତିମଧ୍ୟରେ ଏମାର ମଠ, ଲଙ୍ଗୁଳି ମଠ ଏବଂ ବଡ଼ ଆଖଡା ମଠ ଭାଙ୍ଗି ଦିଆଯାଇଥିବା ବେଳେ ଆଗକୁ ଆହୁରି ଅନେକ ମଠ ଉଚ୍ଛେଦ ଲାଗି ଯୋଜନା କରାଯାଇଛି। ତେଣୁ ଏହାର ପ୍ରତିବାଦରେ ସୋମବାର ବଡ଼ଦାଣ୍ଡରେ ପରିଷଦ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ କରାଯିବ। ପ୍ରଶାସନ ଯଦି ଏ ଦିଗରେ କୌଣସି ନିଷ୍ପତ୍ତି ନ ନିଏ ତେବେ ଆମରଣ ଅନଶନ କରାଯିବ ବୋଲି ମହନ୍ତ ସୂଚନା ଦେଇଛନ୍ତି।

## ହଂସଦିଆ ଗ୍ରାମରେ ହେଟାବାଘ ଆତଙ୍କ

**ଲଳିତଗିରି,୮।୯(ସ୍ୱ.ପ୍ର.):** ବୈରୀ ବନବିଭାଗ ଅଧୀନ ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ହଂସଦିଆ ଗ୍ରାମରେ ଶନିବାର ରାତିରେ ହେଟାବାଘ ଆତଙ୍କ ଦେଖିବାକୁ ମିଳିଛି। ରାତି ପ୍ରାୟ ୧୦ଟାରେ ଗ୍ରାମର ପ୍ରଦ୍ୟୁମ୍ନ କର ଏବଂ ଶ୍ରୀକାନ୍ତ ପୃଷ୍ଟି ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ ଗାଁ ମୁଣ୍ଡ ତାରିଣୀ ମନ୍ଦିର ନିକଟରେ ହେଟାବାଘ ଠିଆ ହୋଇଥିବା ଦେଖିଥିଲେ। ଫଳରେ ଭୟଭୀତ ହୋଇ ସେମାନେ ଆଗକୁ ଯାଇ ନ ଥିଲେ। କିଛି ସମୟ ପରେ ସେହି ଗ୍ରାମର ମଣ୍ଟୁ ମହାପାତ୍ର ବାଇକରେ ଆସୁଥିବାବେଳେ ହେଟା ଗାଁପାଖ ଶ୍ମଶାନରେ ଥିବା ଦେଖିଥିଲେ। ସେ ଗାଡ଼ି ଆବାଜ୍ କରିବାରୁ ହେଟା ଗାଁ ଆଡ଼କୁ ଦୌଡ଼ିଥିଲା। ପାଟି ଶୁଣି ଶୌଚହେବାକୁ ଆସୁଥିବା ପ୍ରତାପ ମଲିକ ଗାଁ ସ୍କୁଲ ନିକଟରେ ଟର୍ଚ୍ଚ ମାରିବାରୁ ହେଟା ଧାନ ବିଲଦେଇ ଜଙ୍ଗଲକୁ ପଳାଇଥିଲା। ପରେ ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ଅଧିକାରୀ ଚନ୍ଦ୍ରଶେଖର ଦାଶ, ଫରେଷ୍ଟ ଗାର୍ଡ ସାକିର ହୁସେନଙ୍କ ସମେତ ଏକ ଟିମ ପହଞ୍ଚି ତଦନ୍ତ କରିଥିଲେ। ପାଦଚିହ୍ନକୁ ଦେଖି ଏହା ଏକ ହେଟାବାଘ ବୋଲି ସେମାନେ ପ୍ରକାଶ କରିଥିଲେ। ଗାଁରେ ହେଟାବାଘ ବୁଲୁଥିବାରୁ ଲୋକେ ଭୟ ଓ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ହେଟାବାଘକୁ ତୁରନ୍ତ ଧରିବା ନିମନ୍ତେ ଗ୍ରାମବାସୀ ବନ ବିଭାଗ ନିକଟରେ ଦାବି କରିଛନ୍ତି।

## ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ନୂତନ କର୍ମକର୍ତ୍ତା ନିର୍ବାଚନ

**ଭୁବନେଶ୍ୱର,୮।୯(ବ୍ୟୁରୋ):** ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ଉତ୍କଳ ଖବରଦାତା ସଂଘ ପରିସରରେ ଆୟୋଜିତ ଏହି ବୈଠକରେ ମୁମ୍ବାଇ ଜାତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ସମ୍ପାଦକ ଡ. ବିପିନ ବିହାରୀ ମିଶ୍ରଙ୍କ ଉପସ୍ଥିତିରେ ଓଡ଼ିଶା ଶାଖା ସମ୍ପାଦକ ଇଂ ଲାୟନ ବିପିନ ବିହାରୀ ନାୟକ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ନୂଆ କରି ଦାୟିତ୍ୱ ନେଇଥିବା ସଦସ୍ୟ ଓ ଭୁବନେଶ୍ୱର ପାଇଁ ଦାୟିତ୍ୱ ନେଇଥିବା ସଭାପତି ସୁରେଶ ଚୌଧୁରୀ ମଧ୍ୟ ଏହି ସଂସ୍ଥାନ ମାଧ୍ୟମରେ ଦୁର୍ନୀତି ନିବାରଣ ପାଇଁ ବହୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାବ୍ୟତୀତ ଅବସରପ୍ରାପ୍ତ ଅତିରିକ୍ତ ପୋଲିସ୍ ଏସିପି ଦୁର୍ଲ୍ଲଭ ସିଂହ ଓ ପରୀକ୍ଷିତ ଜେନା ଓଡ଼ିଶା ଶାଖାର ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସଦସ୍ୟ ଅଶୋକ ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ମହାପାତ୍ର ଏବଂ ଅନ୍ୟ ୧୫ଜଣ ସଦସ୍ୟ ନୂଆକରି ଦାୟିତ୍ୱ ବହନ କରିଥିଲେ। ସୂଚନାଯୋଗ୍ୟ, ଏହି ସଂସ୍ଥାନ ଓଡ଼ିଶାରେ ଦଶ ବର୍ଷ ହେବ ଦୁର୍ନୀତି ନିବାରଣ କାର୍ଯ୍ୟ କରିଆସୁଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଅଦିନିଆ ରଥଯାତ୍ରା
# ଇସ୍କନ ବିରୋଧରେ ଏତଲା

**ପୁରୀ ଅଫିସ, ୮।୯**

ଅଦିନରେ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଘୋର ଅପମାନ। ତେଣୁ ଏହାର ପ୍ରତିବାଦ କରି ରବିବାର ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ସେନା ଏବଂ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏତଲା ଦିଆଯାଇଛି। ଏତଲାରେ ଦର୍ଶାଯାଇଛି ଯେ, ପଞ୍ଜାବ ଲୁଧିଆନାସ୍ଥିତ ଇସ୍କନ ସଂସ୍ଥା ପକ୍ଷରୁ ଆସନ୍ତା ନଭେମ୍ବର ୧୭ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଅମିତ୍ ଗର୍ଗ ନାମକ ଜଣେ ବ୍ୟକ୍ତି ଏହାର ନେତୃତ୍ୱ ନେଉଛନ୍ତି। ଏ ସମ୍ପର୍କରେ ଗର୍ଗ ଯେଉଁ ଯୁକ୍ତି ରଖୁଛନ୍ତି, ସେଥିରେ ସେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନ କରିଛନ୍ତି। ଇସ୍କନ ହିଁ ସାରା ଜଗତରେ ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର କରୁଛି। ଓଡ଼ିଆ ଜାତି, ଓଡ଼ିଶା ସରକାର, ଶ୍ରୀମନ୍ଦିର ସେବାୟତ, ଭକ୍ତ କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ କିଛି କରୁନାହାନ୍ତି ବୋଲି ଯୁକ୍ତି ବାଢୁଛନ୍ତି। ଏହାଦ୍ୱାରା କୋଟି କୋଟି ଭକ୍ତଙ୍କ ଭାବାବେଗକୁ କୁଠାରାଘାତ କରିବା ସହ ଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁଙ୍କୁ ଅପମାନିତ କରାଯାଉଛି। ତେଣୁ ଇସ୍କନକୁ ଏଭଳି ଉଦ୍ୟମରୁ ରୋକାଯିବା ସହିତ ଗର୍ଗଙ୍କ ବିରୋଧରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରିବାକୁ ଉପରୋକ୍ତ ଦୁଇ ସଙ୍ଗଠନ ନିବେଦନ କରିଛନ୍ତି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ, ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର ପ୍ରମୁଖ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ପରମ୍ପରା ଅନୁଯାୟୀ, ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ହିଁ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ହେଲେ ଏବେ ଭାରତ ଏପରି କି ବିଶ୍ୱର ବିଭିନ୍ନ ଜାଗାରେ ଅଦିନରେ ରଥଯାତ୍ରା ହେଉଛି। ତେଣୁ ଏହାକୁ ମଧ୍ୟ ଶ୍ରୀମନ୍ଦିର ପରିଚାଳନା କମିଟି ଗୁରୁତର ସହ ନେଇଛି। ଗତ ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁସାରେ କରାଯାଉଛି ଅଧିକାଂଶ ସ୍ଥାନରେ ବିଧି ମୁତାବକ ହେଉନାହିଁ। ତେଣୁ ରଥଯାତ୍ରାର ବିଧି ବିଶ୍ୱବାସୀଙ୍କୁ ଜଣାଯିବା ଲାଗି ମଧ୍ୟ ନିଷ୍ପତ୍ତି ନିଆଯାଇଛି।



### ଗୁହାରି ଶୁଣିଲେନି ଆମିକସ୍ କ୍ୟୁରି
# ପ୍ରତିବାଦରେ ମହିଳାଙ୍କ ବିକ୍ଷୋଭ

**ପୁରୀ ଅଫିସ, ୮।୯**

ଆମିକସ୍ କ୍ୟୁରି କ୍ଲିନଚିଟ୍ ଦେବା ପରେ ରବିବାରଠାରୁ ପୁରୀରେ ପୁଣି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ବଡ଼ ଆଖଡା ମଠ ଭଙ୍ଗାଯାଇଛି। ତେବେ ଉଚ୍ଛେଦକୁ ନେଇ ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କ ମନରେ ଅସନ୍ତୋଷ ଲାଗି ରହିଛି। ବର୍ତ୍ତମାନ ୭୫ ମିଟର ମଧ୍ୟରେ ଥିବା ଅସୁରକ୍ଷିତ ମଠକୁ ପ୍ରଶାସନ ଭାଙ୍ଗିଛି। ଆଗକୁ ଉଚ୍ଛେଦ ଅଭିଯାନ ଜୋରଦାର ହେବ। ଫଳରେ ଅଧିକ ସଂଖ୍ୟକ ମଠ, ବ୍ୟବସାୟ ପ୍ରତିଷ୍ଠାନ, ଘର ଉଚ୍ଛେଦ କରାଯିବ। ତେଣୁ ଏହାକୁନେଇ ଅସନ୍ତୋଷ ଥମୁ ନ ଥିବାବେଳେ ଆମିକସ୍ କ୍ୟୁରି ସେମାନଙ୍କ ଗୁହାରି ଶୁଣି ନ ଥିବାରୁ ରବିବାର ରାସ୍ତାକୁ ଓହ୍ଲାଇଛନ୍ତି ମହିଳା। ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ରହୁଥିବା ମହିଳାମାନେ ଗାଣ୍ଠିଆ ଚଉରା ଛକରେ ବିକ୍ଷୋଭ ଓ ଧାରଣା ଦେଇଥିବା ବେଳେ ପୁରୀ ସୁରକ୍ଷା ମଞ୍ଚ ପକ୍ଷରୁ ସିଂହଦ୍ୱାରରେ ଦୀପଦାନ କରାଯାଇଛି।

ପୁରୀ ସୁରକ୍ଷା ମଞ୍ଚର ଆବାହକ ଦାମୋଦର ପ୍ରଧାନୀ କହିଛନ୍ତି, ପୁରୀର ପ୍ରଗତି ଏବଂ ସୌନ୍ଦର୍ଯ୍ୟକୁ ସମସ୍ତେ ସ୍ୱାଗତ କରିଛନ୍ତି। ଆମେ ମଧ୍ୟ ଶ୍ରୀମନ୍ଦିରର ସୁରକ୍ଷା ଏବଂ ସହରର ପ୍ରଗତି ହେଉ କହୁଛୁ। କିନ୍ତୁ ଏଥିପାଇଁ ୭୫ ନୁହେଁ, ୫୦ ମିଟରରେ ବି ହୋଇପାରନ୍ତା। ଆମିକସ୍ କ୍ୟୁରି ପ୍ରଭାବିତ ଲୋକଙ୍କ ଅଭିଯୋଗ ଶୁଣିଲେ ନାହିଁ। ସମସ୍ତଙ୍କୁ ସହଯୋଗ କରିବାକୁ କହିଲେ। ପ୍ୟାକେଜ ମଧ୍ୟ ଯାହା ତାହା ଠିକ୍ ଲାଗୁନାହିଁ। ତେଣୁ ମଞ୍ଚ ଉଚ୍ଛେଦ ବିରୋଧରେ ଶାନ୍ତିପୂର୍ଣ୍ଣ ଭାବେ ସିଂହଦ୍ୱାରରେ ଦୀପଦାନ କରିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଧାରଣା ଦେଇଥିବା ମହିଳା କହିଥିଲେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ପୁରୀ ଗସ୍ତରେ ଆସିଥିବା ଆମିକସ୍ କ୍ୟୁରି ଏବଂ ସଲିସିଟର ଜେନେରାଲ ସେମାନଙ୍କ ଦୁଃଖ ଶୁଣିଲେ ନାହିଁ। ବିସ୍ଥାପିତ ଏବଂ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା ନ କରି କେବଳ ସରକାରୀ ଅଧିକାରୀଙ୍କ ସହ କଥା ହୋଇ ପଳାଇଗଲେ। ତେଣୁ ସେମାନଙ୍କ ଗସ୍ତ ଏକପାଖିଆ ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଆମେ ପୁରୁଷ ପୁରୁଷ ଧରି ରହିଆସୁଛୁ। କେବେହେଲେ ଆମର ଭିଟାମାଟି ଛାଡ଼ିବୁ ନାହିଁ। ସରକାର ଆମ ସହିତ କୌଣସି ପ୍ରକାର ଆଲୋଚନା ନ କରି ମନଇଚ୍ଛା ଭାଙ୍ଗିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଆମେ ଅସହଯୋଗ କରିବୁ। ସୁପ୍ରିମ୍‌କୋର୍ଟ ଏକ ଟିମ୍ ପଠାଇ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରନ୍ତୁ ବୋଲି ସେମାନେ ମତ ରଖିଛନ୍ତି।



ଶ୍ରୀମନ୍ଦିର ପାର୍ଶ୍ୱରେ ମହିଳା ଓ ଅନ୍ୟ ଲୋକମାନେ ଧାରଣାରେ ବସିଛନ୍ତି।

# ଚାକିରି ନାଁରେ ଠକେଇ: ଜଣେ ଗିରଫ

**କଟକ ଅଫିସ, ୮।୯**

ବିଦେଶରେ ଚାକିରି କରାଇ ଦେବାକୁ କହି ଟଙ୍କା ଠକି ନେବା ଅଭିଯୋଗରେ ବାଦାମବାଡି ପୋଲିସ ସେଖ୍ ମୋବିନ ନାମକ ଜଣେ ବ୍ୟକ୍ତିଙ୍କୁ ରବିବାର ଗିରଫ କରିଛି। ତାଙ୍କ ଘର ଚଣ୍ଡିଖୋଲ ଅଞ୍ଚଳରେ ହୋଇଥିବାବେଳେ ସେ ଦୀର୍ଘଦିନ ଧରି ବକ୍ସିବଜାର ଅଞ୍ଚଳରେ ଘର ଭଡା ନେଇ ରହୁଥିଲେ। ଅଭିଯୋଗ ଅନୁଯାୟୀ, କଟକସ୍ଥିତ ପିସି ସରକାର ଲେନ୍‌ର ପ୍ରଦୀପ କୁମାର ବେହେରା ଆଇଟିଆଇ ସାରିବା ପରେ ଚାକିରି ଅନୁସନ୍ଧାନରେ ଥିଲେ। ଏହି ସମୟରେ ସେ ମୋବିନଙ୍କ ସଂସ୍ପର୍ଶରେ ଆସିଥିଲେ। ସିଙ୍ଗାପୁରରେ ତାଙ୍କର ବଡ ବଡ କମ୍ପାନୀ ସହ ସମ୍ପର୍କ ଅଛି ଓ ସେ କମ୍ପାନୀରେ ଚାକିରି କରାଇ ଦେବେ ବୋଲି ପ୍ରଦୀପଙ୍କୁ କହିଥିଲେ। ଏପରି କି ବିଶ୍ୱାସ ଜିତିବା ପାଇଁ ମୋବିନ ତାଙ୍କୁ ସିଙ୍ଗାପୁରର ଜାଲ୍ କାଗଜପତ୍ର ଦେଖାଇଥିଲେ। ବିଦେଶରେ ଚାକିରି କରିବାକୁ ହେଲେ ଭିଜା ଓ ପାସ୍‌ପୋର୍ଟ ଦରକାର କହି ଏ ବାବଦରେ ପ୍ରଦୀପଙ୍କ ପାଖରୁ ୪୦ହଜାର ଟଙ୍କା ନେଇଥିଲେ। ଟଙ୍କା ପାଇବା ପରେ ମୋବିନଙ୍କ ଫୋନ ଲାଗି ନ ଥିଲା। ପ୍ରଦୀପ ଅନେକ ଚେଷ୍ଟା କରି ବିଫଳ ହୋଇଥିଲେ। କିଛିଦିନ ପରେ ମୋବିନ ଫୋନ୍ କରି ପ୍ରଦୀପଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ୧୦ହଜାର ଟଙ୍କା ଦେଲେ ତାଙ୍କୁ ସେ କାଗଜପତ୍ର କରାଇଦେବେ ବୋଲି କହିଥିଲେ। ପ୍ରଦୀପ ଟଙ୍କା ଦେବାକୁ ତାଙ୍କୁ କଟକ ଡାକିଥିଲେ। ହେଲେ ସେ କଟକ ନ ଆସି କନ୍ଦରପୁରରେ ଦେଖାହେବ ବୋଲି କହିଥିଲେ। ପରେ ପ୍ରଦୀପ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସର ୩ ଜଣିଆ ଟିମ ପ୍ରଦୀପଙ୍କୁ ନେଇ କନ୍ଦରପୁର ଯାଇଥିଲା। ପ୍ରଦୀପ କାଗଜପତ୍ର ପାଇଁ ମୋବିନଙ୍କୁ ଟଙ୍କା ଦେବାବେଳେ ସାଦା ପୋଷାକରେ ଥିବା ପୋଲିସ ତାଙ୍କୁ କାବୁ କରି ନେଇଥିଲେ। ପୋଲିସ ତାଙ୍କ ପାଖରୁ ୪୦ହଜାର ଟଙ୍କା ସମେତ ଜାଲ କାଗଜପତ୍ର ଜବତ କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ଏହିପରି ଅନେକ ଯୁବକଙ୍କୁ ସେ ଚାକିରି କରାଇ ଦେବା ବାହାନାରେ ଠକିଥିବା କଥା ପୋଲିସ ସନ୍ଦେହ କରୁଛି। ଏ ନେଇ ପୋଲିସ ତଦନ୍ତ ଚଳାଇଛି।

### ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଶୀଳାକୁ ଅସମ୍ମାନ
# ଭଗ୍ନ, ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛନ୍ତି ବରପୁତ୍ର

**ଭୁବନେଶ୍ୱର ୮।୯(ବ୍ୟୁରୋ)**

ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଥିଲା ପ୍ରମୁଖ ଭୂମିକା। ଇଂରେଜମାନଙ୍କ କବଳରୁ ଦେଶକୁ ସ୍ୱାଧୀନ କରିବାରେ ଓଡ଼ିଶାର ବୀର ସଂଗ୍ରାମୀମାନେ ନିଜର ଜୀବନ ଉତ୍ସର୍ଗ କରିଦେଇଥିଲେ। ସେହି ବୀରପୁତ୍ରମାନଙ୍କୁ ସମ୍ମାନ ଜଣାଇବା ଏବଂ ଆଗାମୀ ପିଢ଼ି ନିକଟରେ ସେମାନଙ୍କ ବୀରତ୍ୱର କାହାଣୀ ପହଞ୍ଚାଇବାକୁ ୧୯୭୪ ମସିହାରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ନିଜ ଶାସନକାଳରେ ପଦକ୍ଷେପ ନେଇଥିଲେ। ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ସେହି ଅଞ୍ଚଳର ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଉଲ୍ଲେଖ ଥାଇ ସଂଗ୍ରାମୀ ସ୍ମୃତିଶୀଳା ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାଜ୍ୟର ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ପ୍ରତି ବ୍ଲକ୍‌ରେ ସ୍ମୃତିଶୀଳା ସ୍ଥାପନ କରାଯାଇଥିଲା। ହେଲେ ବର୍ତ୍ତମାନ ଅଧିକାଂଶ ବ୍ଲକରେ ବରପୁତ୍ରମାନଙ୍କ ସ୍ମୃତି ଏବେ ଲୁଚ୍ଚାୟିତ,ଜରାଜୀର୍ଣ୍ଣ ଓ ଭଗ୍ନ ଅବସ୍ଥାରେ ପଡ଼ିରହିଛି। ଏହି ଗରିମାମୟ ଐତିହ୍ୟକୁ ସୁରକ୍ଷା କରାଯିବା ଏକାନ୍ତ ଜରୁରୀ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ସେଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳିଛି।

ରାଜ୍ୟ ସରକାର ଆସନ୍ତା ଅକ୍ଟୋବର ୨ ତାରିଖରେ ଜାତିରଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ମହାସମାରୋହରେ ପାଳନ କରିବାକୁ ଯାଉଛନ୍ତି। ଏଭଳିସ୍ଥଳେ ସ୍ୱାଧୀନତା ସଂଗ୍ରାମରେ ଦେଶପାଇଁ ଲଢ଼ିଥିବା ବରପୁତ୍ରମାନଙ୍କୁ ଅବହେଳା କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ଅମୀୟ କୁମାର ପଟ୍ଟନାୟକ। ରାଜ୍ୟର ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗପୂତ ଅମ୍ଳାନ ଗୁଣାବଳୀକୁ ଚିରସ୍ମରଣୀୟ କରି ରଖିବାକୁ ସ୍ମୃତି ସମିତି ପକ୍ଷରୁ ଦାବି କରାଯାଇଛି। ପ୍ରତି ବ୍ଲକ୍‌ରେ ଭଗ୍ନ ଓ ଅବହେଳିତ ହୋଇ ପଡ଼ିରହିଥିବା ଏହି ସ୍ମୃତିଶୀଳାର ପୁନରୁଦ୍ଧାର ଓ ଆବଶ୍ୟକସ୍ଥଳେ ନୂତନ ସ୍ମୃତିଶୀଳା ନିର୍ମାଣ କରିବାକୁ କୁହାଯାଇଛି। ଏହାସହ ଇତିମଧ୍ୟରେ ଆଉ ଯୋଡ଼ିହେବାକୁ ଥିବା ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଉଲ୍ଲେଖ କରାଯାଇ ଆସନ୍ତା ଅକ୍ଟୋବର ୨ ତାରିଖଠାରୁ ପ୍ରତିବର୍ଷ ଜାତୀୟ ଉତ୍ସବଗୁଡ଼ିକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଦାବି ହୋଇଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯିବାରେ ଏହା ଯଥେଷ୍ଟ ଗୁରୁତ୍ୱ ବହନ କରିବ ଏବଂ ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ପଟ୍ଟନାୟକ କହିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ତରଫରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଇଟା ବୋଝେଇ ୪୦୭ ଧକ୍କାରେ ଯୁବକ ମୃତ

**ବାଲିଅନ୍ତା,୮।୯(ଡି.ଏନ୍.ଏ.)**

ହଂସପାଳ–ବନମାଳିପୁର ଜୟଦେବ ରାସ୍ତାର ବେଣ୍ଣୁପୁର ବନ୍ଧମୂଳ ସାହି ନିକଟରେ ରବିବାର ଅପରାହ୍ନରେ ଏକ ଇଟା ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତା ଥାନା ଅଧୀନ ଜିଡିକାର ସୁଆଁଲୋ ଗ୍ରାମ ପଣ୍ଡାସାହିର ସୁପ୍ରସନ୍ନ ପଣ୍ଡା(୩୭)। ସୁପ୍ରସନ୍ନ ଭୁବନେଶ୍ୱରରୁ ଏକ ବାଇକରେ ଘରକୁ ଫେରୁଥିଲେ। ଭିଙ୍ଗାରପୁର ପଟୁ ୪୦୭ ଗାଡ଼ିଟି(ନଂ ଓଡି ୩୩ୟୁ ୭୫୭୭) ବାଲିଅନ୍ତା ଅଭିମୁଖେ ଆସୁଥିବାବେଳେ ବନ୍ଧମୂଳ ସାହିର ଟର୍ନିଂ ପଏଣ୍ଟରେ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ୨୨୨/୧୯ ନଂ .ରେ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରକୁ ଅଟକ ରଖି ପଚରାଉଚୁରା କରିଛି।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଯୁବ ସଂସଦ, ଯୋଗଭ୍ୟାସ କାର୍ଯ୍ୟକ୍ରମ

**ନରସିଂହପୁର,୮।୯(ଡି.ଏନ.ଏ.):** ସ୍ଥାନୀୟ ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପକ୍ଷରୁ ଯୁବ ସଂସଦ ଓ ଯୋଗଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବଦତ୍ତ ମଳୟ କୁମାର ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲୋକନାଥ ସ୍ୱାଇଁ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ତ୍ରିଲୋଚନ ମହାପାତ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ଦେବରାଜ ସ୍ୱାଇଁ, ସମ୍ମାନିତ ଅତିଥି ଯୋଗଚାର୍ଯ୍ୟ ମନୋରଞ୍ଜନ ସାହୁ, ରାଜକିଶୋର ସାହୁ, ସ୍ୱାସ୍ଥ୍ୟକର୍ମୀ ବୈକୁଣ୍ଠନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ବେଟି ବଚାଓ, ବେଟି ବଢ଼ାଓ, ସ୍ୱଚ୍ଛ ଭାରତ ଓ ପରିବେଶ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। କଣ୍ଠଶିଳ୍ପୀ ମୀନକେତନ ଖିଲ୍ଲାର ଓ ସୁଭଶ୍ମିତା ଜେନା ସଂଗୀତ ପରିବେଶଷଣ କରିଥିଲେ।

### ଟ୍ରକ ଧକ୍କାରେ ଛାତ୍ରୀ ମୃତ୍ୟୁ ଘଟଣା
### ଚାଳକଙ୍କ ସହ ୨ ଗିରଫ

**କଟକ ଅଫିସ, ୮।୯:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଙ୍କୁ ଧକ୍କା ଦେଇଥିବା ଟ୍ରକର ଡ୍ରାଇଭରଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ବିହାର ରାଜ୍ୟ ନୁରୁଦ୍ଦିନଗଞ୍ଜ ଅଞ୍ଚଳର ରାମ ପ୍ରଭେଶ ପ୍ରସାଦ(୫୯)। ଏହାଛଡ଼ା ମାଲିକଙ୍କ ଅନୁପସ୍ଥିତିରେ ଟ୍ରକ୍‌ର ବୁଝାସୁଝା କରୁଥିବା ଯୁବକ ପଶ୍ଚିମବଙ୍ଗ ଗଡବତ ଅଞ୍ଚଳର ଅରୁପ ଘୋଷଙ୍କୁ(୨୩) ମଧ ପୋଲିସ ଗିରଫ କରିଛି। ଚଣ୍ଡିଖୋଲ ଅଞ୍ଚଳର ଥିବା ଏକ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ଲୁଚିଥିବାବେଳେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଖୁବ୍‌ଶୀଘ୍ର ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଗୁରୁବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ଅନ୍ନପୂର୍ଣ୍ଣା ଚୌଧୁରୀ(୨୦) ସ୍କୁଟିରେ ଯାଉଥିବାବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ପୋଲିସ ନିର୍ଗୁଣ୍ଡି ଟୋଲଗେଟ ନିକଟରୁ ଉକ୍ତ ଟ୍ରକ୍‌କୁ ଜବତ କରିଥିଲା।

### ଜିଲା ହାବିଲଦାର କନଷ୍ଟେବଲ ଶାଖା ସଂଘର ବାର୍ଷିକ ଉତ୍ସବ

**କଟକ ଅଫିସ,୮।୯:** ଜିଲା ହାବିଲଦାର କନଷ୍ଟେବଲ ଶାଖା ସଂଘର ବାର୍ଷିକ ଉତ୍ସବ ଶୁକ୍ରବାର ବକ୍ସିବଜାରସ୍ଥିତ ସଂଘ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳ ଜିଲା ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର କର୍ତ୍ତବ୍ୟ ପାଳନ ମାଧମରେ ପୋଲିସ ସମ୍ମାନକୁ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ସଂଘ ସଭାପତି ଅମୀୟ ରଞ୍ଜନ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ ମହିମୁଦ ଅହମ୍ମଦ ଖାନ୍‌ଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ସଚେତନତା ଶିବିର

**କଟକ ଅଫିସ, ୮।୯:** ରାଣୀହାଟସ୍ଥିତ ରାଧାମୋହନଜୀଉ ମନ୍ଦିର ପରିସରରେ କେନ୍ଦ୍ରୀୟ ବରିଷ୍ଠ ନାଗରିକ କଲ୍ୟାଣ ସମିତି ପକ୍ଷରୁ ରବିବାର ସ୍ୱାସ୍ଥ୍ୟ ସଚେତନତା ଶିବିର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସମିତି ଉପସଭାପତି ବିଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସମିତି ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ପ୍ରଭାତ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ବିଧାୟକ ସୌଭିକ ବିଶ୍ୱାଳ, ଇଂ. ମହମ୍ମଦ ମୋକିମ, ମଙ୍ଗଳାବାଗ ଥାନାଧିକାରୀ ଅମିତାଭ ମହାପାତ୍ର, ତ୍ରିଲୋଚନ ନାଟିଆ, ଡ. ମୃଣ୍ମୟ ମହାନ୍ତି ଓ ଧୀରେନ୍ଦ୍ର ସେଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜକିଶୋର ବେହେରା, ମନୋରଞ୍ଜନ ନାଟିଆ, ଡ. ପ୍ରେମାନନ୍ଦ ସାହୁ, ମୋହନ ମହାରଣା, ଅର୍ଚ୍ଚନା ତାପସ ରାଉତରାୟ ଉପସ୍ଥିତ ଥିଲେ।



ଦବିଯାଇଥିବା ରାସ୍ତା।

# ନିର୍ମାଣ ନ ସରୁଣୁ ଦବିଲା ରାସ୍ତା

## ନିମ୍ନମାନର କାର୍ଯ୍ୟ ଅଭିଯୋଗରେ ରାସ୍ତାରୋକୋ

**ଲଳିତଗିରି, ୮।୯(ସ୍ୱ.ପ୍ର.):** ମାହାଙ୍ଗା ଓ ସାଲେପୁର ପୂର୍ତ୍ତ ବିଭାଗ ଅଧୀନ ପାଗା–ଗୋପୀନାଥପୁର–କୁଆଁପାଳ ରାସ୍ତା ନିର୍ମାଣ କରାଯାଉଛି। ହେଲେ ଏହି ରାସ୍ତା କାର୍ଯ୍ୟ ନ ସରୁଣୁ ତାହା ଦବିବା ସହ ଫାଟିଯାଇଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସେମାନେ ନିମ୍ନମାନ କାର୍ଯ୍ୟ ହୋଇଥିବା ଅଭିଯୋଗ କରି ରବିବାର ରାସ୍ତାରୋକୋ କରିବା ସହ ବିଭାଗ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏଥିସହିତ ଅନିୟମିତତାର ତଦନ୍ତ ଦାବି କରିଛନ୍ତି। ସୂଚନା ଅନୁସାରେ, ଏଠାରେ ୧୭ କି.ମି. ରାସ୍ତାର ଉନ୍ନତୀକରଣ ପାଇଁ ୧୨.୧ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯାଇ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ରାସ୍ତାର ତ୍ରିବେଣୀଶ୍ୱର–ଭେଡା ମଧ୍ୟସ୍ଥଳ ଏକ ସ୍ଥାନରେ ଶନିବାର ୩ ଫୁଟ ରାସ୍ତା ଦବି ଯାଇଥିଲା। ଏଥିସହିତ ୧୫ ମିଟର



ତଦନ୍ତ ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

ଲମ୍ବର ରାସ୍ତା ଫାଟି ଯାଇଥିଲା। ଯାହାକି ଏହି କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ରାସ୍ତା ଅବରୋଧ କରିଥିବା ଜନସାଧାରଣ ମାହାଙ୍ଗା ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନାଙ୍କୁ ଯୋଗାଯୋଗ କରିଥିଲେ। ହେଲେ ସେ ଫୋନ ରିସିଭ କରି ନ ଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ଜନସାଧାରଣ ରାସ୍ତା ଅବରୋଧ କରିବାରୁ କାମ କରୁଥିବା ଠିକାଦାର ନିଜ ଦୋଷ ଲୁଚାଇବା ପାଇଁ ଅତି ତରବରିଆଭାବେ ଉକ୍ତ ସ୍ଥାନରେ ରାତିସୁଦ୍ଧା ପ୍ୟାଚ ପକାଇବା ପାଇଁ ମସୁଧା ଚଳାଇଥିବା ଦେଖିବାକୁ ମିଳିଛି। ଏସମ୍ପର୍କରେ ସାଲେପୁର ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ତୁରନ୍ତ ଉକ୍ତ ସ୍ଥାନକୁ ମରାମତି କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ'ଣ ପାଇଁ ରାସ୍ତା ଦବିଲା ତା'ର ତଦନ୍ତ କରାଯିବ। ମାହାଙ୍ଗା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।

## ନରସିଂହପୁର ସାମ୍ବାଦିକ ସଂଘ ପକ୍ଷରୁ ଟ୍ରାଫିକ୍ ସଚେତନତା



ସଚେତନତା ଶୋଭାଯାତ୍ରାରେ ବାହାରିଥିବା ସାମ୍ବାଦିକ ସଂଘ ସଦସ୍ୟ ଓ ଅନ୍ୟମାନେ।

**ନରସିଂହପୁର,୮।୯(ଡି.ଏନ.ଏ.):** ନରସିଂହପୁର ସାମ୍ବାଦିକ ସଂଘ ପକ୍ଷରୁ ରବିବାର ଟାଉନ୍‌ର ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସଚେତନତା କରାଯାଇଛି। ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଓ ଅନ୍ୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସଂଘ ସଭାପତି ଦେବୀପ୍ରସାଦ ରଥଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ। ସଦସ୍ୟମାନେ ସଂଘ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସଚେତନ କରାଇଥିଲେ। ଥାନା ଅଧିକାରୀ ଲେଙ୍କା, ନରସିଂହପୁର ପୂର୍ବାଞ୍ଚଳ ରେଞ୍ଜର ଅଭିରାମ ଜେନା ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଟାଉନ ପରିକ୍ରମା କରିଥିଲା। ଯାତ୍ରୀ ଓ ଗାଡ଼ି ଚାଳକଙ୍କୁ ନୂଆ ନିୟମ ସମ୍ପର୍କରେ ସଚତେନ କରାଯାଇଥିଲା। ଥାନା ଅଧିକାରୀ ଗାଡ଼ି ଚାଳନା ସମୟରେ ମଦ୍ୟପାନ ନ କରିବା, ମୋବାଇଲ ଫୋନ୍ ବ୍ୟବହାର ନ କରିବା, ନାବାଳକଙ୍କୁ ଗାଡି ଚଳାଇବାକୁ ନ ଦେବାକୁ କହିଥିଲେ। ବାଇକ୍ ଚାଳକ ହେଲ୍‌ମେଟ୍ ଓ ଅନ୍ୟ ଗାଡ଼ି ଚାଳକ ସିଟ୍ ବେଲ୍ଟ ବାନ୍ଧିବାକୁ ପରାମର୍ଶ ଦେଇଥିଲେ। ଶୋଭାଯାତ୍ରାରେ ସଂଘ ସମ୍ପାଦକ ଭୂପେନ ଦାଶ, ଉପସଭାପତି ସୁରେଶ ମହାନ୍ତି, କୋଷାଧକ୍ଷ ଦିବ୍ୟଲୋଚନ ମହାନ୍ତି, ଉପଦେଷ୍ଟା ମଣ୍ଡଳୀ ଦେବଦତ୍ତ ମଳୟ ବରାଳ, ବିପିନୀ ବିହାରୀ ପଣ୍ଡା, ଦିଲୀପ ପଣ୍ଡା, ପ୍ରମୋଦ ରାଉତ ଓ ଶାନ୍ତନୁ ଗାଣ ପ୍ରମୁଖ ସାମିଲ ହୋଇଥିଲେ।

## ବାଙ୍କୀ ମହୋତ୍ସବର ଚୂଡ଼ାନ୍ତ ପ୍ରତିଯୋଗିତା



ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ବାଙ୍କୀ,୮।୯(ସ୍ୱ.ପ୍ର.):** ସ୍ଥାନୀୟ ଚର୍ଚ୍ଚିକା ନୋଡାଲ ବିଦ୍ୟାଳୟରେ ରବିବାର ବାଙ୍କୀ ମହୋତ୍ସବର ଚୂଡ଼ାନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବ ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତ, ମୁଖ୍ୟବକ୍ତା ଅଧାପକ ଡ.ଚିତ୍ରସେନ ରାଉତ, ସମ୍ମାନିତ ଅତିଥି ପ୍ରାବନ୍ଧିକ ଜ୍ଞାନେନ୍ଦ୍ରମୋହନ ମିଶ୍ର, ଅଧାପକ ସତ୍ୟଜିତ୍ ଦାସ ଓ ବୁଲୁବାବା ଯୋଗ ଦେଇଥିଲେ। ମୁଖ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୪ଟି ଜୋନ୍‌ର ଶ୍ରେଷ୍ଠ ପ୍ରତିଯୋଗୀ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କଣ୍ଠ ସଙ୍ଗୀତ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଳାପଥରର ଗୌରବ ପଣ୍ଡା ୧ମ, ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁର ଡମପଡ଼ାର ଶୁଭମ୍ ସାମଲ ୨ୟ, ଶିମିଳିପୁର ହରିରାଜପୁର ଆଞ୍ଚଳିକ ବିଦ୍ୟାଳୟର ଅଲିଭା ମହାପାତ୍ର ୩ୟ ଓ ସରଣ୍ଡା ବିଦ୍ୟାପୀଠ ସୁବର୍ଣ୍ଣପୁରର ଦୀପ୍ତିମୟୀ ସାହୁଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବକ୍ତୃତାରେ ସରକାରୀ ବିଏସ ନୋଡାଲ୍ ସ୍କୁଲ ରଗଡ଼ିର କିରଣ ମହାପାତ୍ର ୧ମ, କୁସୁନ୍ଦା ଉଚ୍ଚ ବିଦ୍ୟାଳୟର ବିଷ୍ଣୁପ୍ରସାଦ ବାରିକ ଓ କେନ୍ଦୁପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଲିପ୍ସାରାଣୀ ବେହେରା ଯୁଗ୍ମ ୨ୟ ଏବଂ ଓସ୍ତିଆ ଉଚ୍ଚ ବିଦ୍ୟାଳୟର ସ୍ୱୟଂପ୍ରଜ୍ଞା ରାଉତ ୩ୟ ସ୍ଥାନ ଅଧିକାର କରିଛନ୍ତି। ବାଙ୍କୀ ମହୋତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ଚକ୍ଷୁ ଚିକିତ୍ସା ଶିବିର

**ନରସିଂହପୁର,୮।୯(ଡି.ଏନ.ଏ.):** ନରିସଂହପୁର ବ୍ଲକ ଚମ୍ପାନାଥ ଯୁକ୍ତ ୨ ମହାବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ରୋଟାରି କ୍ଲବ ଓ ସ୍ଥାନୀୟ କଳିଙ୍ଗ ସ୍ୱଚ୍ଛାସେବୀ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ୧୦୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୧୨ଜଣଙ୍କୁ ଅସ୍ତ୍ରୋପଚାର ଲାଗି ନିଆଯାଇଥିଲା। ଶିବିରକୁ କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଭୂତି ଭୂଷଣ ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୋଟାରି କ୍ଲବର ଡା. ମାନସୀ ନାୟକ, ଡ. ଲୋକନାଥ ସ୍ୱାଇଁ, କାନପୁର ଆଞ୍ଚଳିକ ମହାବିଦ୍ୟାଳୟ ଅଧକ୍ଷ ଅଜିତ୍ ପ୍ରସାଦ ପଣ୍ଡା, ଚମ୍ପାନାଥ କଲେଜ ଅଧାପକ ଫକୀର ଚରଣ ଦାସ, ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଅରବିନ୍ଦ ଆଚାର୍ଯ୍ୟ, ନରସିଂହପୁର କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର କୁଳମଣି ବାରିକ ପ୍ରମୁଖ ଯୋଗଦାନ କରିଥିଲେ। କଳିଙ୍ଗ ସ୍ୱେଚ୍ଛାସେବୀ ସଙ୍ଗଠନ ସଭାପତି ମନୋମୋହନ ରାଉତ, ସମ୍ପାଦକ ରଘୁନାଥ ସ୍ୱାଇଁ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିକ୍ରମ ମହାପାତ୍ର, ସୁବର୍ଣ୍ଣ କେଶୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ଡ୍ରାଇଭିଂ ଲାଇସେନ୍ସ, ଅନ୍ୟ ପ୍ରମାଣପତ୍ର କରାଇଦେବାକୁ ସକ୍ରିୟ ହେଲେଣି ଦଲାଲ

# ନେଉଛନ୍ତି ମୋଟା ଅଙ୍କର ଅର୍ଥ

**ନିଶ୍ଚିନ୍ତକୋଇଲି,୮।୯(ସ୍ୱ.ପ୍ର.)**

- ଲୋକଙ୍କୁ ଘାରିଛି ଜରିମାନା ଭୟ
- ବୀମା ପାଇଁ ୫୦୦ରୁ ୧୦୦୦ ଟଙ୍କା ଅଧିକ ନେଉଛନ୍ତି

ଦେଶରେ ନୂଆ ମୋଟର ଯାନ ଆଇନ ଚଳିତ ମାସ ପହିଲାରୁ ଲାଗୁ କରାଯାଇଛି। ଫଳରେ ବିଭିନ୍ନ ସ୍ଥାନରେ ଗାଡ଼ି ଯାଞ୍ଚ କଡ଼ାକଡ଼ି କରାଯାଉଛି। ଯେଉଁମାନେ ଆବଶ୍ୟକ ପ୍ରମାଣପତ୍ର ଦେଖାଇ ପାରୁନାହାନ୍ତି ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏହିକ୍ରମରେ ନିଶ୍ଚିନ୍ତକୋଲଇ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଜୋରଦାର ଯାଞ୍ଚ ଆରମ୍ଭ ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ବାଇକ୍, ଚାରି ଚକିଆ ଯାନଠାରୁ ଆରମ୍ଭ କରି ଅନ୍ୟ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଉଛି। ଡ୍ରାଇଭିଂ ଲାଇସେନ୍ସ, ପ୍ରଦୂଷଣ ସାର୍ଟିଫିକେଟ, ବୀମା, ଗାଡ଼ି ରେଜିଷ୍ଟ୍ରେସନ ନ ଥିଲେ, ବାଇକ୍ ଚାଳକ ହେଲମେଟ୍ ପିନ୍ଧି ନ ଥିଲେ କିମ୍ବା ୩ଜଣ ବାଇକ୍‌ରେ ବସିଥିଲେ ଜରିମାନା ଆଦାୟ କରାଯାଉଛି। ଯାଞ୍ଚ ସମୟରେ ମଦ୍ୟପ ଚାଳକଙ୍କୁ ଗିରଫ କରାଯାଉଛି। ଏହି ଯାଞ୍ଚରେ ପରିବହନ ବିଭାଗ ମଧ ସାମିଲ ହୋଇଛି। ଏହାର ସୁଯୋଗରେ ଏବେ ଦଲାଲମାନେ ବେଶ୍ ସକ୍ରିୟ ହୋଇ ପଡ଼ିଲେଣି। ଗାଡ଼ିକାଗଜ ପତ୍ର ନ ଥିବା ଲୋକଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି କାଗଜପତ୍ର କରାଇଦେବାକୁ କହୁଛନ୍ତି। ସେହିପରି ଡ୍ରାଇଭିଂ ଲାଇସେନ୍ସ କରାଇଦେବା ପାଇଁ ୩ରୁ୪ହଜାର ଟଙ୍କା ନେଉଛନ୍ତି। ବୀମା ପାଇଁ ବିଲଠାରୁ ୫୦୦ରୁ ହଜାର ଟଙ୍କା ଅଧିକ ନେଉଛନ୍ତି। ଫିଟନେସ, ପରମିଟ୍ କରାଇଦେବା ପାଇଁ ଦଲାଲଙ୍କ ଘରେ ଭିଡ ଲାଗିଛି। ସରକାର ଆଇନ ଲାଗୁ କରିବା ପୂର୍ବରୁ କିପରି ସୁବିଧାରେ ବିଭିନ୍ନ କାଗଜପତ୍ର କରାଯିବ ସେନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ସାଧାରଣ ଲୋକେ ଶୋଷଣର ଶିକାର ହେଉଛନ୍ତି। ଡ୍ରାଇଭିଂ ଲାଇସେନ୍ସ କରି ନ ଥିବା ଲୋକେ ଅନଲାଇନରେ ପାଇଁ ଆବେଦନ କରିଛନ୍ତି। ହେଲେ ଟ୍ରାଏଲ ଦେବା ପାଇଁ ଯିବାକୁ ଭୟ କରୁଛନ୍ତି। ପରିବହନ ବିଭାଗ ବ୍ଲକସ୍ତରରେ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲି ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି।

ପ୍ରଥମ ପର୍ଯ୍ୟାୟରେ ପୋଲିସ କଟକ–ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବିଦେଶୀ ମଦ ଦୋକାନ ସମ୍ମୁଖରେ ଚେକିଂ କରି ୧୦ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରିଛି। ଏହାକୁ ନେଇ ନିୟମ ଉଲ୍ଲଘଂନକାରୀ ଆତଙ୍କିତ ହୋଇପଡିଛନ୍ତି। ପୋଲିସର ତନାଘନା ପରେ ରାସ୍ତାରେ ଗାଡି ସଂଖ୍ୟା କମିଲାଣି। ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ାଙ୍କୁ ପଚାରିବାରେ ସେ କହିଥିଲେ, ଦୁଇ ଦିନ ହେବ ଚେକିଂ ଆରମ୍ଭ ହୋଇଛି। ଏବେବି କଡାକଡି ଭାବେ ଆଇନକୁ ଲାଗୁ କରାଯାଇନାହିଁ। ବିନା ହେଲମେଟ, ବେପରୁଆ ଗାଡି ଚାଳନା ଓ ମଦ୍ୟପ ଡ୍ରାଇଭରଙ୍କ ଉପରେ ନଜର ରଖାଯାଇଛି। ଆଗକୁ ଚେକିଂକୁ ତ୍ୱରାନ୍ୱିତ କରାଯିବ। କଟକ ଆରଟିଓ ଦିପ୍ତୀରଞ୍ଜନ ପାତ୍ରଙ୍କୁ ପଚାରିବାରେ ସେ କହିଥିଲେ, ଲୋକେ ଦଲାଲଙ୍କ ସହାୟତା ନେବା ଆବଶ୍ୟକ ନାହିଁ। ଘରେ ବସି ଅନଲାଇନରେ ଲାଇସେନ୍ସ ପାଇଁ ଆବେଦନ କରିପାରିବେ। ସେହିପରି ଅନଲାଇନରେ ତାରିଖ ଧାର୍ଯ୍ୟ କରି ଆସି ଅଫିସରେ ଡ୍ରାଇଭିଂ ପରୀକ୍ଷା ଦେଇପାରିବେ।





ଆଠଗଡ଼ ଅଞ୍ଚଳର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଖୁଦୁରୁକୁଣୀ।



ଚର୍ଚ୍ଚିକା ମଚ୍ଛି ସାହି ଖୁଦୁରୁକୁଣୀ।

# ସରିଲା ଖୁଦୁରୁକୁଣୀ ଓଷା

**ବାଙ୍କୀ/ଆଠଗଡ଼,୮।୯(ସ୍ୱ.ପ୍ର.):** ମାସେ ଧରି ପାଳିତ ହେଉଥିବା ଖୁଦୁରୁକୁଣୀ ଓଷା ରବିବାର ଉଦ୍‌ଯାପିତ ହୋଇଛି। ଶେଷପାଳିରେ ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ଝିଅମାନେ ଫୁଲ ତୋଳି ଗୁନ୍ଥିଥିବା ଦେଖିବାକୁ ମିଳିଥିଲା। ପରେ ସ୍ନାନ କରିବା ସହିତ ବାଲୁକା ସ୍ତୂପ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ପୂଜାମଣ୍ଡପରେ ଝିଅମାନେ ତଅପୋଇଙ୍କ ଚିତ୍ରଅଙ୍କା ଥିବା ପଟ୍ଟଚିତ୍ର ସହିତ ମା'ମଙ୍ଗଳାଙ୍କ ମାଟି ପ୍ରତିମାକୁ ପୂଜାର୍ଚ୍ଚନା କରି ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସମସ୍ତ ବ୍ରତଧାରି ଖୁଦୁରୁକୁଣୀ ସମ୍ପର୍କିତ ଗୀତ ପାଠ କରିବା ସହିତ ବିହୁଡି ଓ ବନ୍ଦାପନା କାର୍ଯ୍ୟ ସମାପ୍ତ କରିଥିବା ଦେଖାଯାଇଥିଲା। ବାଙ୍କୀ ଉପଖଣ୍ଡର ଗୋପାଳପୁର, ପାଟପୁର, ଭେଡା, ରଗଡ଼ି, ଦୁର୍ଗାପୁର, ଶିମିଳିପୁର, ଚକାପଦା, ହରିରାଜପୁର, ଶିଶୁଆ, ବାଉଁଶପୁଟ, ବନ୍ଦାଳ, ତାଳବସ୍ତ, ସୁବର୍ଣ୍ଣପୁର, ଡମପଡ଼ା, ଭଗୀପୁର, ଗୋଳାଗଣ୍ଡ, କଳାପଥର, ବେଦପୁର, ବ୍ରହ୍ମପୁରା ଓ ଆଦି ଅଞ୍ଚଳରେ ଏହି ଓଷା ପାଳିତ ହୋଇଥିବାବେଳେ ଚର୍ଚ୍ଚିକା ସାହିରେ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି।

ସେହିପରି ଆଠଗଡ଼ ସହରର ରାସରସିକପୁର, ଝରଣସାହି, ଗଦାସାହି, ପଦ୍ମସାହି, ଉପରସାହି, ହେମମାଳପୁର, କନ୍ତୋଲ, ବୀରକିଶୋରପୁର ଆଦି ସ୍ଥାନରେ ଏକାଧିକ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥିଲା। ମା'ଙ୍କ ପ୍ରତିମା ଆଗରେ ଯୁବତୀମାନେ ସମବେତ ହୋଇ ମଙ୍ଗଳା ସ୍ତୁତି ବା ଖୁଦୁରୁକୁଣୀ ଗୀତ ଗାନ କରିଥିଲେ। ପୁରପଲ୍ଲିରେ ଏହିପୂଜା ମହାସମାରୋହରେ ପାଳିତ ହୋଇଛି।



ଚର୍ଚ୍ଚିକା ସାହିରେ ପୂଜା ପାଉଥିବା ଖୁଦୁରୁକୁଣୀ।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଅଜଣା ରୋଗରେ ଗୋରୁ ଆକ୍ରାନ୍ତ

**କଟକ ସଦର,୮।୯(ଡି.ଏନ୍.ଏ.):** କଟକ ସଦର ବ୍ଳକ ଅଧୀନ ଧରିଣା, ଯଶପଡା ଓ ଅରିଲୋ ପଞ୍ଚାୟତରେ ଅଜଣା ରୋଗରେ ଗୋରୁମାନେ ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗ ଆରମ୍ଭ ହେବା ପୂର୍ବରୁ ପ୍ରାଣୀମାନଙ୍କୁ ସାମାନ୍ୟ ଜ୍ୱର ସହ ଦେହରେ ଫୋଟକା ବାହାରୁଛି। ୨/୩ ଦିନ ପରେ ଏହି ଫୋଟକା ସଂକ୍ରମିତ ହେବାରୁ ପୂଜ ବାହାରୁଛି। କିଶନ ନଗର ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନ କୋଶିଦାଠାରେ ଥିବା କେନ୍ଦ୍ରରେ ପ୍ରାଣୀଧନ ନୀରିକ୍ଷକ ନାହାନ୍ତି। ତେଣୁ ସାଧାରଣ ଲୋକମାନେ ବାଧ ହୋଇ ବାହାର ଚିକିତ୍ସକଙ୍କ ସହାୟତା ନେଉଛନ୍ତି। ରାମକୁମାରପୁର, ଧରିଣା, ଅର୍ଛିଲ, ବସ୍ତପଡା ଗ୍ରାମରେ ଏହି ଅଜଣା ରୋଗ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କଟକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଏହି ଅଞ୍ଚଳକୁ ଡାକ୍ତରୀଟିମ୍ ପଠାଇ ରୋଗ ନିରୁପଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ଇନ୍ଦୁ ପୂର୍ଣ୍ଣିମା ମହୋତ୍ସବ ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୮।୯(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକାର ୧୬ନଂ. ୱାର୍ଡ ଗୋଡ଼ିପାଟଣାରେ ଆସନ୍ତା ୧୬ ଓ ୧୭ତାରିଖରେ ଇନ୍ଦୁ ପୂର୍ଣ୍ଣିମା ମହୋତ୍ସବ ତଥା ଗଣେଶ ମେଲଣ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଗନ୍ଧର୍ବନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟି ସମ୍ପାଦକ ଅଜୟ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଚୌଦ୍ୱାର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ଯୋଗଦେଇ ମୂର୍ତ୍ତିଗୁଡ଼ିକୁ କୌଣସି ନଦୀ କିମ୍ବା ପୋଖରୀରେ ବିସର୍ଜନ ନ କରି ପ୍ରଶାସନ ପକ୍ଷରୁ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବା ଓ ମଦମୁକ୍ତ ଭସାଣ ଉତ୍ସବ ପାଳନ କରିବାକୁ ନିବେଦନ କରିଥିଲେ। ଟିପିଏମ୍ ଫାଣ୍ଡୀ ଅଧିକାରୀ ନୃସିଂହ ଚରଣ ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ, ସେସୁ ଏସ୍‌ଡିଓ ବେଣୁଧର ଦାସ, ନରେନ୍ଦ୍ର ମହାପାତ୍ର, ହରିହର ଭୂୟାଁ,ଉପଦେଷ୍ଟା ବ୍ରଜେନ୍ଦ୍ର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଶୃଙ୍ଖଳାର ସହ ପାଳନ କରିବାକୁ ମଣ୍ଡପ ପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ। ମନୋରଞ୍ଜନ ସ୍ୱାଇଁ, ହୃଷିକେଶ ଭୂୟାଁ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ସରୋଜ ପ୍ରଧାନ, ଲକ୍ଷ୍ମଣ ରାଉତ, ଜୀବନ ଭୂୟାଁଙ୍କ ସମେତ ବିଭିନ୍ନ ମଣ୍ଡପର ସଭାପତି, ସମ୍ପାଦକ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ସୁଧାକର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ସ୍ୱାସ୍ଥ୍ୟ ସଚେତନତା ଶିବିର, ସମ୍ବର୍ଦ୍ଧନା ସଭା

**ଫୁଲନଖରା,୮।୯(ଡି.ଏନ୍.ଏ.):** ରାଣୀହାଟସ୍ଥିତ ରାଧାମୋହନଜୀଉ ମନ୍ଦିର ପରିସରରେ କେନ୍ଦ୍ରୀୟ ବରିଷ୍ଠ ନାଗରିକ କଲ୍ୟାଣ ସମିତି ପକ୍ଷରୁ ରବିବାର ସ୍ୱାସ୍ଥ୍ୟ ସଚେତନତା ଶିବିର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସମିତି ଉପସଭାପତି ବିଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସମିତି ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ପ୍ରଭାତ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ବିଧାୟକ ସୌଭିକ ବିଶ୍ୱାଳ, ଇଂ. ମହମ୍ମଦ ମୋକିମ, ମଙ୍ଗଳାବାଗ ଥାନାଧିକାରୀ ଅମିତାଭ ମହାପାତ୍ର, ତ୍ରିଲୋଚନ ନାଟିଆ, ଡ. ମୃଣ୍ମୟ ମହାନ୍ତି ଓ ଧୀରେନ୍ଦ୍ର ସେଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସ୍ୱାମୀ ଶିବାନନ୍ଦଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୮।୯:** ଚୌଦ୍ୱାର କପାଳେଶ୍ୱରସ୍ଥିତ ଦିବ୍ୟ ଜୀବନ ସଂଘ ପକ୍ଷରୁ ସ୍ୱାମୀ ଶିବାନନ୍ଦ ଆତ୍ମଜ୍ଞାନ ଆଶ୍ରମ ପରିସରରେ ସ୍ୱାମୀ ଶିବାନନ୍ଦଙ୍କ ଜୟନ୍ତୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଆଶ୍ରମରେ ଦିବ୍ୟ ଧ୍ୱଜା ଉତ୍ତୋଳନ, ଗୁରୁ ପାଦପୂଜା, ସତ୍‌ସଙ୍ଗ, ଭଜନକୀର୍ତ୍ତନ, ପ୍ରବଚନ ଓ ନାରାୟଣ ସେବା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଶ୍ରମ ପ୍ରାଙ୍ଗଣରେ ଚାରାରୋପଣ କରାଯାଇଥିଲା। ଏଥିରେ ସ୍ୱାମୀ ଶିବ ଶାକ୍ୟାନନ୍ଦ ସରସ୍ୱତୀ, ସଂଘ ସଭାପତି କେଦାରନାଥ ଷଡଙ୍ଗୀ, ରାମଚନ୍ଦ୍ର ସାହୁ, ବିଚିତ୍ରାନନ୍ଦ ପରିଡ଼ା, ମଦନ ମୋହନ ତ୍ରିପାଠୀ, ସନ୍ତୋଷ ଧର, ଜୟକୃଷ୍ଣ ପରିଡା, ବିଷ୍ଣୁ ଚରଣ ନାୟକ ଉପସ୍ଥିତ ଥିଲେ।

# ଏଠାରେ ହୋଇଥିଲା ଦୁର୍ଗାପୂଜାର ଶୁଭାରମ୍ଭ

**କଟକ ଅଫିସ, ୮।୯**

କଟକରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ଭିତରେ ବଡ଼ଭଉଣୀର ଆଖ୍ୟା ବହନ କରେ ବାଲୁବଜାରର ମୂର୍ତ୍ତି। ଏହି ମର୍ଯ୍ୟାଦା ଦିଆଯିବା ପଛରେ ଅନେକ କାହାଣୀ ରହିଛି। ଲୋକକଥା ରହିଛି, ବାଲୁବଜାରରେ ହିଁ ଦୁର୍ଗାପୂଜା ପ୍ରଥମେ ଆରମ୍ଭ ହୋଇଥିଲା। ଏଠାରେ ବାସ କରୁଥିବା ବାନାର୍ଜୀ ପରିବାର ୧୫୦୯ରେ ବଙ୍ଗୀୟ ନୀତିରେ ଆରମ୍ଭ କରିଥିଲେ ଶାରଦୀୟ ଦୁର୍ଗାପୂଜା। ପ୍ରଥମେ ଘଟ ସ୍ଥାପନ କରାଯାଇ ପୂଜା ହେଉଥିଲା। ୧୫୧୪ରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ଏକ ଚାଳଘରେ ଦୁର୍ଗାପୂଜା ହେଉଥିଲା। ଦୀର୍ଘବର୍ଷର ବ୍ୟବଧାନ ପରେ ୧୮୯୨ରେ ମଣ୍ଡପରେ ପୂଜା ପାଇଥିଲେ ମା' ଦୁର୍ଗା। ୨୦୦୨ରେ ଦେଢ କୁଇଣ୍ଟାଲରେ ଚାନ୍ଦିରେ ଦେବୀଙ୍କ ପାଇଁ ମେଢ଼ ନିର୍ମାଣ କରାଯାଇଥିଲା। ଭସାଣି ସମୟରେ ଏକ ବିରଳ ପରମ୍ପରା ଏଠାରେ ଦେଖିବାକୁ ମିଳେ। ସହରରେ ସାନ ଭଉଣୀ(ଦେବୀ ଦୁର୍ଗା)ର ଆଖ୍ୟା ପାଇଥିବା ଚାନ୍ଦିନୀଚୌକ ପୂଜା କମିଟିର ନିମନ୍ତ୍ରଣ କ୍ରମେ ବଡ଼ ଭଉଣୀ ତଥା ବାଲୁବଜାର ମେଢ଼ ସେହି ସ୍ଥାନକୁ ଯାଏ। ଚାନ୍ଦିନୀଚୌକରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଏ। ସାତସାହିକୁ ନେଇ ଏହି ପୂଜା କମିଟି ଗଠିତ। ଚଳିତବର୍ଷ ପୂଜା

**ବାଲୁବଜାର (ବିନୋଦବିହାରୀ) ପୂଜା କମିଟି**



**ମା' ଆସୁଛନ୍ତି**

ପାଇଁ ପ୍ରାୟ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଶ୍ରଦ୍ଧାଳୁମାନେ କିପରି ଶାନ୍ତିଶୃଙ୍ଖଳାର ସହିତ ମା'ଙ୍କୁ ଦର୍ଶନ କରିପାରିବେ ସେଥିପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ। ଏଥିସହ ପଲିଥିନମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଜନସାଧାରଣଙ୍କୁ ବାର୍ତ୍ତା ଦିଆଯିବ।



ଚଳିତବର୍ଷ ପୂଜା ପାଇଁ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଲାଣି। ଶାନ୍ତିଶୃଙ୍ଖଳା ସହିତ କିଭଳି ପୂଜା ଶେଷ ହେବ ସେ ନେଇ କମିଟି ପକ୍ଷରୁ ବାରମ୍ବାର ବୈଠକ ଡକାଯାଉଛି। ସମସ୍ତ କର୍ମକର୍ତ୍ତା ଏବେ ଦୁର୍ଗାପୂଜା ପାଇଁ ଉତ୍ସାହିତ ଅଛନ୍ତି।ପୂଜା ଧୁମ୍‌ଧାମ୍‌ରେ କରାଯିବାକୁ ଯୋଜନା ରହିଛି।
**–ସୂର୍ଯ୍ୟକାନ୍ତ ସାଙ୍ଗନାରିଆ, ପୂଜା କମିଟି ସଭାପତି**



କୌଣସି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଏଠାରେ ହୁଏନାହିଁ। କେବଳ ନାମ ସଂକୀର୍ତ୍ତନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୁଏ। ଏଥର କିଛି ଭିନ୍ନ ଧରଣର କଳାକାରଙ୍କୁ ଡକାଯିବାକୁ ଯୋଜନା ରହିଛି। ଯାହା ଏହି ପରିବେଶକୁ ଅଧିକ ଆଧ୍ୟାତ୍ମିକ କରିବ।
**–ରାଜେନ୍ଦ୍ର କୁମାର ସାମଲ, ପୂଜା କମିଟି ସମ୍ପାଦକ**

#### ଚୈତନ୍ୟ କରିଥିଲେ ଘଟ ସ୍ଥାପନ

ଶ୍ରୀଚୈତନ୍ୟ ଓଡ଼ିଶା ଆସିବା ସମୟରେ ବାଲୁବଜାର ଅଞ୍ଚଳକୁ ଆସିଥିଲେ। ମୂର୍ତ୍ତି ପୂଜାରେ ଚୈତନ୍ୟ ବିଶ୍ୱାସ କରୁ ନ ଥିବାବେଳେ ପ୍ରକୃତିର ପାଞ୍ଚ ତତ୍ତ୍ୱକୁ ନେଇ ଘଟ ସ୍ଥାପନ କରିବାରେ ତାଙ୍କର ଅଗାଢ଼ ବିଶ୍ୱାସ ଥିଲା। ଏଣୁ କୁହାଯାଏ ବାନାର୍ଜୀ ପରିବାରର ଘରେ ଚୈତନ୍ୟ ଘଟ ସ୍ଥାପନ କରି ଦୁର୍ଗା ପୂଜାର ମୂଳଦୁଆ କଟକରେ ପକାଇଥିଲେ।

#### ବଳି ପ୍ରଥା ବନ୍ଦ ଏଠାରୁ ଆରମ୍ଭ ହୋଇଥିଲା

କଟକର ପୂଜାସ୍ଥଳଗୁଡ଼ିକରେ ବଳି ଦିଆଯିବାର ପରମ୍ପରା ବହୁତ ପୁରୁଣା। ଶହେବର୍ଷ ତଳେ କଟକରେ ପଶୁବଳି ଅସଂଖ୍ୟ ଭାବେ ଦିଆଯାଉଥିଲା। ଯାହାକୁ ନେଇ ୪୦ ଦଶକରେ ବିବାଦ ମୁଣ୍ଡ ଟେକିଥିଲା। ବାଲୁବଜାର ଦୁର୍ଗାପୂଜା ମଣ୍ଡପରୁ ହିଁ ବଳିପ୍ରଥା ପ୍ରଥମେ ବନ୍ଦ କରାଯାଇଥିଲା। ସ୍ୱର୍ଗତଃ ଡ. ହରେକୃଷ୍ଣ ମହତାବ ଏହି ପୀଠକୁ ଆସି ବଳିପ୍ରଥା ବନ୍ଦ କରିବାକୁ ନିବେଦନ କରିଥିଲେ। ବଡ଼ଭଉଣୀ ଏହି ପ୍ରଥା ମାନିଲେ ଆପେଆପେ ଅନ୍ୟ ପୂଜା ମଣ୍ଡପ ଏହାକୁ ପାଳନ କରିବେ ବୋଲି କହିଥିଲେ। ଏହା ପରଠାରୁ କଟକରୁ ବଳିପ୍ରଥା ଉଚ୍ଛେଦ ହୋଇଯାଇଛି। ଏବେ ମହାଷ୍ଟମୀ ତିଥିରେ ପାଣିକଖାରୁ ବଳି ଦିଆଯାଉଛି।

#### ପୂଜକ ନିର୍ମାଣ କରନ୍ତି ମୃଣ୍ମୟୀ ମୂର୍ତ୍ତି

କୌଣସି ଶିଳ୍ପୀ ଏଠାକାର ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରନ୍ତି ନାହିଁ। ବର୍ଷବର୍ଷ ଧରି ଏଠାରେ ପୂଜକମାନେ ହିଁ ମୂର୍ତ୍ତି ନିର୍ମାଣ କରି ଆସୁଛନ୍ତି। ତେବେ ଉଭୟ ପୂଜକ ଓ ମୂର୍ତ୍ତି ନିର୍ମାଣର ଦାୟିତ୍ୱ ରହିଛି ବାନାର୍ଜୀ ବଂଶଧରମାନଙ୍କ ଉପରେ। ଯେଉଁମାନେ ଦୁର୍ଗାପୂଜା ଆରମ୍ଭ କରିଥିଲେ।



କଟକ ମାରୱାଡି ସମାଜ ପକ୍ଷରୁ ସିଡ଼ିଏ ୱିଣ୍ଡିସର ପ୍ଲେସଠାରୁ ବାହାରିଥିବା ଗଣେଶ ଭସାଣି ଶୋଭାଯାତ୍ରା।

### ବିଭିନ୍ନ ସ୍ଥାନରେ ଗଣେଶ ଭସାଣି ଉତ୍ସବ

**ଚୌଦ୍ୱାର/ଫୁଲନଖରା, ୮।୯(ଡି.ଏନ୍.ଏ.)**

ଚୌଦ୍ୱାର ଅଞ୍ଚଳରେ ରବିବାର ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମଣ୍ଡପରେ ପୂଜା ପାଇଥିବା ଗଣେଶଙ୍କ ମୃଣ୍ମୟ ପ୍ରତିମାକୁ ଶୋଭାଯାତ୍ରା ନିଆଯାଇ ଅସ୍ଥାୟୀ ପୋଖରୀରେ ବସର୍ଜନ କରାଯାଇଥିଲା। ବିଶେଷକରି ଶୋଭାଯାତ୍ରାକାରୀମାନେ ଶୋଭାଯାତ୍ରାବେଳେ ନିଶାଦ୍ରବ୍ୟଠାରୁ ଦୂରେଇ ରହିଥିବା ଦେଖିବାକୁ ମିଳିଥିଲା। ପ୍ରତି ରବିବାର ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଶନରେଟ୍ ପୋଲିସ ନିଷ୍ପତ୍ତି ନେଇଥିଲା। ତଦନୁଯାୟୀ ରବିବାର ୨୩ଟି ମୃଣ୍ମୟ ପ୍ରତିମାକୁ ବିସର୍ଜନ କରାଯାଇଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ସେହିପରି କଟକ ସଦର ଥାନା ଅଞ୍ଚଳରେ ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫୁଲନଖରାର ଓମ୍‌ଫେଡ କଲୋନୀ, ନୂଆକାଚରାମାଳ, ପୁରୁଣା କାଚରାମାଳ, ମୁଗଭଙ୍ଗା, ନୁଆଗଡ, ପ୍ରତାପନଗରୀ, ଭାଣପୁର, ଡାହାଳିଆବାଗ, ବାଲିକୁଦା, ଗୋପାଳପୁର, ଗଣ୍ଡେୟତା, ଖଲର୍ଦ୍ଧା ଓ ନାଗବାଲି ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ଗଣେଶ ମେଢ ଅପରାହ୍ନରେ ସାହି ପରିକ୍ରମା କରିବା ପରେ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଏହାକୁ ଦେଖିବା ଲାଗି ବହୁସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।



କଟକ ସାରଳା ଭବନରେ ଅନୁଷ୍ଠିତ ଇଣ୍ଡିଆ ଥିଏଟର ଅଲିମ୍ପିୟାଡର ରବିବାର ଅଷ୍ଟମ ସନ୍ଧ୍ୟାରେ ମଣିପୁର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ପ୍ରହଲ୍ଲାଦ ଚରିତ'ର ଏକ ଦୃଶ୍ୟ।

## ଚକ୍ଷୁଦାନ ପ୍ରତି ସଚେତନତା ସୃଷ୍ଟି ପାଇଁ ଆହ୍ୱାନ

**କଟକ ଅଫିସ, ୮।୯**

ଯାହାର ଦୃଷ୍ଟିଶକ୍ତି ନାହିଁ ତାକୁ ସବୁଆଡେ ଅନ୍ଧାର ଦେଖାଯାଏ। ତେଣୁ ସେମାନଙ୍କୁ ଆଲୋକକୁ ଆଣିବା ପାଇଁ ଚକ୍ଷୁଦାନ ପରି ମହାନ କାର୍ଯ୍ୟ କରାଯିବା ନିତାନ୍ତ ଜରୁରୀ ବୋଲି ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲରେ ଆୟୋଜିତ ବରିଷ୍ଠ ନାଗରିକଙ୍କ ଆଲୋଚନା ସଭାରେ ବକ୍ତାମାନେ ମତପ୍ରକାଶ କରିଥିଲେ। ମୃତ୍ୟୁ ପରେ ଚକ୍ଷୁଦାନ କରିବା ପାଇଁ ଲୋକଙ୍କୁ ସଚେତନ କରାଇବା ଏବଂ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ଏଥିପାଇଁ ଆଗ୍ରହ ସୃଷ୍ଟି କରିବାକୁ ମତପ୍ରକାଶ ପାଇଥିଲା। ଭାରତରେ ଦୃଷ୍ଟିହୀନଙ୍କ ସଂଖ୍ୟା ପ୍ରାୟ ୧ କୋଟି ୨୫ ଲକ୍ଷ। ସେମାନଙ୍କ ମଧ୍ୟରୁ ୩୦ ଲକ୍ଷ ଚକ୍ଷୁ ପ୍ରତିରୋପଣ ପାଇଁ ଉପଯୁକ୍ତ। କିନ୍ତୁ ପ୍ରତିବର୍ଷ ଦେଶରେ ମାତ୍ର ୧୫ହଜାର ଦାନ କରୁଥିବା ଚକ୍ଷୁ ସଂଗୃହୀତ ହୋଇପାରୁଛି। ଶ୍ରୀଲଙ୍କା ପରି କ୍ଷୁଦ୍ର ଦେଶ ଆମକୁ ଚକ୍ଷୁଦାନ କରୁଛନ୍ତି। ରୁଢ଼ିବାଦୀ ମାନସିକତା, ଅନ୍ଧବିଶ୍ୱାସ ଏବଂ ସଚେତନତା ଅଭାବରୁ ଚକ୍ଷୁଦାନ କ୍ଷେତ୍ରରେ ବିଶେଷ ସଫଳତା ହାସଲ କରାଯାଇପାରୁ ନାହିଁ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଚକ୍ଷୁ ଚିକିତ୍ସାଳୟର ସଭାପତି ଡା. ସ୍ୱାତୀ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ବରିଷ୍ଠ ନାଗରିକ ମହାସଭାର ସଭାପତି ଡ. କୃପାସିନ୍ଧୁ ପଣ୍ଡା, ଉପଦେଷ୍ଟା ତଥା ଖବରଦାତା ଅରୁଣ କୁମାର ପଣ୍ଡା, ରୋଟାରୀ ଚାରିଟେବଲ ଟ୍ରଷ୍ଟର ଅଧକ୍ଷ ସୁଧାକର ରାଓ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚିକିତ୍ସାଳୟ ପ୍ରଶାସକ ଆଲୋକ ସାହୁ ଅତିଥି ପରିଚୟ ଏବଂ ମାନେଜିଂ ଟ୍ରଷ୍ଟି ସୁଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଦସ୍ତଖତ ଅଭିଯାନରେ ସାମିଲ ହେଲା ସମ୍ବାଦପତ୍ର ବିକ୍ରେତା ସଂଘ



**କଟକ ଅଫିସ, ୮।୯**

କଟକରୁ ଏକାଧିକ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଉଠାଇନେବା ପ୍ରସଙ୍ଗକୁ ବିରୋଧ କରି ବିଭିନ୍ନ ସଙ୍ଗଠନ ପକ୍ଷରୁ ଚାଲିଥିବା ଦସ୍ତଖତ ଅଭିଯାନରେ ରବିବାର ସାମିଲ ହୋଇଛି ସମ୍ବାଦପତ୍ର ବିକ୍ରେତା ସଂଘ। ସଂଘ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇଙ୍କ ନେତୃତ୍ୱରେ ଆୟୋଜିତ ଦସ୍ତଖତ ଅଭିଯାନରେ ସଂଘ ସଭାପତି ବିଜୟ କୁମାର ପଡିଆରୀ, ଉପସଭାପତି ସିନୁ ରେଡି, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ପ୍ରଭାସ ପ୍ରଧାନ, ହାଡିବନ୍ଧୁ ବେହେରା, ଦୀପ୍ତି ରଞ୍ଜନ ପଟ୍ଟନାୟକ, ମଣ୍ଟୁ ସାହୁ, ବଂଶୀଧର ବେହେରା, ବିଷ୍ଣୁ ଦାଶ, ଗୋବିନ୍ଦ ଚନ୍ଦ୍ର ଦାଶ, ଉମେଶ ସାହୁ, ସୁବାସ ପ୍ରଧାନ, ହେମନ୍ତ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ବୃନ୍ଦାବନ ବେହେରା, ପୀତାମ୍ବର ବେହେରା, ବିଷ୍ଣୁ ବିଷୋୟୀ, ରବି ପାଲ, ମାନସ ପାଲ ଓ ବେଣୁ ରାଓ ପ୍ରମୁଖ ଦସ୍ତଖତ କରି ସରକାରଙ୍କର କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଏଭଳି ନିଷ୍ପତ୍ତିକୁ ଯଦି ସରକାର ବନ୍ଦ ନ କରନ୍ତି ତେବେ ଆଗାମୀ ଦିନରେ ଗଣ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

■ ଟ୍ରକ ଧକ୍କାରେ ଛାତ୍ରୀ ମୃତ୍ୟୁ ଘଟଣା

## ଚାଳକଙ୍କ ସମେତ ୨ ଗିରଫ

**କଟକ ଅଫିସ, ୮।୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଙ୍କୁ ଧକ୍କା ଦେଇଥିବା ଟ୍ରକର ଡ୍ରାଇଭରଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ବିହାର ରାଜ୍ୟ ନୁରୁଦ୍ଦିନଗଞ୍ଜ ଅଞ୍ଚଳର ରାମ ପ୍ରଭେଶ ପ୍ରସାଦ(୫୯)। ଏହାଛଡ଼ା ମାଲିକଙ୍କ ଅନୁପସ୍ଥିତିରେ ଟ୍ରକ୍‌ର ବୁଝାଶୁଝା କରୁଥିବା ଯୁବକ ପଶ୍ଚିମବଙ୍ଗ ଗଡବତ ଅଞ୍ଚଳର ଅରୁପ ଘୋଷଙ୍କୁ(୨୩) ମଧ୍ୟ ପୋଲିସ ଗିରଫ କରିଛି। ଚଣ୍ଡିଖୋଲ ଅଞ୍ଚଳର ଥିବା ଏକ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ଲୁଚିଥିବାବେଳେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଖୁବ୍‌ଶୀଘ୍ର ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଗୁରୁବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ଅନ୍ନପୂର୍ଣ୍ଣା ଚୌଧୁରୀ(୨୦) ସ୍କୁଟିରେ ଯାଉଥିବାବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ପୋଲିସ ନିର୍ଗୁଣ୍ଡି ଟୋଲଗେଟ ନିକଟରୁ ଉକ୍ତ ଟ୍ରକ୍‌କୁ ଜବତ କରିଥିଲା।

### ଗଣେଶ ମହୋତ୍ସବ

**ଟାଙ୍ଗୀ(କଟକ),୮।୯(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଳକ ନିମାଇସାପୁର ଗ୍ରାମରେ ଗଣେଶ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି, ସାମାଜିକ କର୍ମୀ ବସନ୍ତ ସାହୁ ଓ ବରିଷ୍ଠ ସାମ୍ବାଦିକ ଡମ୍ବରୁଧର ବେହେରା ଅତିଥିଭାବେ ଯୋଗଦେଇଥିଲେ। ଗଣେଶ ପୂଜା ଅବସରରେ ଆୟୋଜିତ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମହିଳାଙ୍କୁ ବିଧାୟକ ବେହେରା ସମ୍ବର୍ଦ୍ଧିତ କରିଥିଲେ। ପୂଜା କମିଟି ସଭାପତି ପାର୍ଥ ସାରଥୀ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣେଶ ରଥ ଧନ୍ୟବାଦ ଦେଇଥିଲେ।



ରେଭେନ୍‌ଶା କଲିଜିଏଟ୍ ସ୍କୁଲ ନେତାଜୀ ଅଡିଟୋରିୟମରେ ଓଡ଼ିଶା ଷ୍ଟେଟ୍ ଲିଗାଲ ସର୍ଭିସେସ୍ ଅଥୋରିଟି ପକ୍ଷରୁ ଅନୁଷ୍ଠିତ ଇଣ୍ଟର ସ୍କୁଲ ଡ୍ରାମା ପ୍ରତିଯୋଗିତାରେ ନାଟକ 'ଶିଶୁ ଅଧିକାର'ର ଏକ ଦୃଶ୍ୟ।

## ଦଶହରା ପ୍ରସ୍ତୁତି ବୈଠକ

**ଫୁଲନଖରା,୮।୯(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ଡାହାଳିଆବାଗ ନୀଳକଣ୍ଠେଶ୍ୱର ମହାଦେବ କମ୍ୟୁନିଟି ଗୃହରେ ଦଶହରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାହାଳିଆବାଗ ହରପାର୍ବତୀ ପୂଜା କମିଟି ସଭାପତି ତଥା ଆଇନଜୀବୀ ବଦ୍ରି ନାରାୟଣ ମହାପାତ୍ର ଅଧକ୍ଷତା କରିଥିଲେ। ଚଳିତବର୍ଷ ଦଶହରା ପାଇଁ ପୂଜା କମିଟି ପକ୍ଷରୁ ସାଢେ ୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ପ୍ରଥମଥର ହରପାର୍ବତୀଙ୍କ ରୂପା ମୁକୁଟ କରାଯାଇଛି। ଆସନ୍ତା ଅକ୍ଟୋବର ୭ରୁ ୧୧ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ବୈଠକରେ ସଭାପତି ମହାପାତ୍ର କହିଛନ୍ତି। ବୈଠକରେ ସମ୍ପାଦକ କୌଶିକ ଜେନା, ଗ୍ରାମ କମିଟି ସଭାପତି ରବୀନ୍ଦ୍ର ନାଥ ସ୍ୱାଇଁ, ବିଜୟ ସାହୁ, ପୁଲିନ ମହାପାତ୍ର, ସୁଶାନ୍ତ ମହାନ୍ତି, ମହେନ୍ଦ୍ର କୁଅଁର, ରବୀନ୍ଦ୍ର ଖିଲାର, ପ୍ରଦ୍ୟୁମ୍ନ ମିଶ୍ର, ତପନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘର ୧୯ତମ ବାର୍ଷିକୋତ୍ସବ

## ସର୍ବଭାରତୀୟସ୍ତରରେ ପ୍ରତିଭାର ପରିଚୟ ଦିଅନ୍ତୁ ସାହିତ୍ୟିକ

**ଭୁବନେଶ୍ୱର, ୮।୯(ବ୍ୟୁରୋ)**

ସାହିତ୍ୟିକଙ୍କ କଲମ ବହୁ ଲୋକଙ୍କୁ ପ୍ରେରଣା ଯୋଗାଇଥାଏ। ସାହିତ୍ୟିକମାନେ ସମାଜକୁ ନୂତନ ଦିଗଦର୍ଶନ ଦେବା ସହିତ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ହୋଇଥାନ୍ତି। ନିଜ ସାହିତ୍ୟ ସୃଷ୍ଟି ମାଧ୍ୟମରେ ସେମାନେ ଅନ୍ୟାୟ, ଅନୀତି ବିରୋଧରେ ନିର୍ଭୀକ ଭାବେ ସ୍ୱର ଉତ୍ତୋଳନ କରିପାରନ୍ତି ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘର ୧୯ତମ ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରି ଷଡ଼ଙ୍ଗୀ ସାହିତ୍ୟିକମାନଙ୍କୁ ଏକାଠି ହୋଇ ପରିବର୍ତ୍ତନ ପାଇଁ ଲଢ଼ିବାକୁ ଆହ୍ୱାନ ଦେଇଥିଲେ।

ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସାହିତ୍ୟ ଜୀବନରେ ଶାନ୍ତି ଆଣିଥାଏ। ଓଡ଼ିଆ ଜାତିର ବୀରତ୍ୱର ଗାଥା ବର୍ଣ୍ଣନା କରିବା ସହ ସାହିତ୍ୟିକମାନେ ନିର୍ଭୀକ ଭାବେ ଲେଖନୀ ଚାଳନା କରିବା ଉଚିତ। ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ବାବୁ ସିଂହ, 'ଉନ୍ନତିପଥେ'ର ସଂପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପୂର୍ବତଟ ରେଳୱେର ବରିଷ୍ଠ ଅଧିକାରୀ କବି ନିରାକାର ଦାସ, କବି କିରଣବାଳା ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପରମବ୍ରହ୍ମ ତ୍ରିପାଠୀଙ୍କୁ 'କବି ବିଭୂଦ ମିଶ୍ର ସ୍ମୃତି ସମ୍ମାନ', ପ୍ରଫେସର ଅଭିନ୍ନ ଚନ୍ଦ୍ର ସାହୁଙ୍କୁ 'କବି ଏକାଦଶୀ ବୋଇତାଇ ସ୍ମୃତି ସମ୍ମାନ', ବାସୁଦେବ ହୋତାଙ୍କୁ 'କବି ନରସିଂହ ନନ୍ଦ ସ୍ମୃତି ସମ୍ମାନ', ଗଣେଶ ବାରିକଙ୍କୁ 'ଚିତ୍ରଶିଳ୍ପୀ ଅସୀମ ବସୁ ସ୍ମୃତି ସମ୍ମାନ', ରୋଟାରିଆନ ବସନ୍ତ କୁମାର ଦାନୀଙ୍କୁ 'ସମାଜସେବା ସମ୍ମାନ', ଦିପ୍ତୀପ୍ରଭା ରଥଙ୍କୁ 'କାବ୍ୟଭାରତୀ ସୁନ୍ଦରମଣି ପଟ୍ଟନାୟକ ସ୍ମୃତି ସମ୍ମାନ', ଫକୀର ବାଡ଼ାଙ୍କୁ 'ଗାୟକ ମାନସ ଉପାଧି', ପ୍ରଫେସର ବିଜୁଳି ଚରଣ ସୂତାରଙ୍କୁ 'ଶ୍ରେଷ୍ଠ ଶିକ୍ଷକ ସମ୍ମାନ', ରାଜକିଶୋର ମହାପାତ୍ରଙ୍କୁ 'ଉତ୍କଳମଣି ଗୋପବନ୍ଧୁ ସେବା ସମ୍ମାନ', ନରେନ୍ଦ୍ର ବାରିକଙ୍କୁ 'ଗାୟକ ପାରିଜାତ ଉପାଧି', କୃଷ୍ଣଚନ୍ଦ୍ର ଝପଟସିଂଙ୍କୁ 'ରାମନାଟକ ଗୁରୁ ସମ୍ମାନ', ଶିବଶଙ୍କର ଜେନାଙ୍କୁ 'ସମାଜସେବା ସମ୍ମାନ', ଅର୍ପିତା ନନ୍ଦଙ୍କୁ 'କବିତା ସମ୍ମାନ' ପ୍ରଦାନ କରାଯାଇଥିଲା। ମହାସଂଘ ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚନ କରାଯିବା ସହିତ ସୂର୍ଯ୍ୟ ମହାନ୍ତିଙ୍କ ଲିଖିତ 'କିଛି ସ୍ମୃତି କିଛି ଅନୁଭବ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।



ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

## ସଂକ୍ଷେପରେ

### ଜେଜେମା' ଜେଜେବାପା ଦିବସ

ଖୋର୍ଦ୍ଧା ଅଫିସ,୮।୯: ସ୍ଥାନୀୟ ଡିଏଭି ପବ୍ଲିକ୍ ସ୍କୁଲରେ ଜେଜେମା' ଜେଜେବାପା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା ସମିତି ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଲକ୍ଷ୍ମୀଧର ମିଶ୍ର, ଅନୁଷ୍ଠାନର ନିର୍ଦ୍ଦେଶକ ଡା. ନନ୍ଦକିଶୋର ପଟ୍ଟନାୟକ ଓ ଅକ୍ଷା ଦୀପ୍ତିମୟୀ ମହାନ୍ତି ଯୋଗ ଦେଇଥିଲେ। ବକ୍ତାମାନେ ବିଦ୍ୟାଳୟରେ ପଢୁଥିବା ନାତିନାତୁଣୀମାନଙ୍କୁ ମଜା ମଜା ଗପ ତଥା ଗୀତ ବୋଲି ସେମାନଙ୍କୁ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ପାଠ୍ୟକ୍ରମ ସଂଯୋଜକ ଚିତ୍ତ ରଞ୍ଜନ ପଟ୍ଟନାୟକ ସ୍ୱାଗତଭାଷଣ, ସୁବୋଧ କୁମାର ପଟ୍ଟନାୟକ ଅତିଥି ପରିଚୟ ଓ ଦିଲୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତାରାଣୀ ପଟ୍ଟନାୟକ, ଦେବରାଜ ରଥ ଓ ଗୁମାନି ମିଶ୍ର ଜେଜେମା' ଜେଜେବାପାଙ୍କ ଉପରେ ଟିପ୍ପଣି ରଖିଥିଲେ। ମାଳବିକା ରାୟଙ୍କ ଦିଗଦର୍ଶନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ନାଟକ ପରିବେଷଣ କରାଯାଇଥିଲା।

### ଝାଁଳାର ବିଭିନ୍ନ ସ୍ଥାନରେ ଖୁଦୁରୁକୁଣୀ ପୂଜା



ଝାଁଳା , ୮।୯(ଡ଼ି.ଏନ.ଏ.) : ଜଟଣୀ ବ୍ଲକ ଝାଁଳା ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ମା' ମଙ୍ଗଳାଙ୍କର ଖୁଦୁରୁକୁଣୀ ପୂଜା ପାଳିତ ହୋଇଯାଇଛି। ଝାଁଳା ପଞ୍ଚାୟତ ପୋଷ୍ଟ ଅଫିସ ଗଳି, ତନ୍ତିସାହି ଗ୍ରାମେଶ୍ୱରନଗର, ରଘୁନାଥ ସାହି, ରାଧାମାଧବ ସାହି, ପାଟଣାସାହିରେ ଆଦି ଗାଁରେ ଖୁଦୁରୁକୁଣୀ ପୂଜା ପାଳିତ ହୋଇଯାଇଛି। ତା' ଛଡା ନଁପୁଟ, ମହୁରା ଏବଂ ଗଙ୍ଗପଡା ଇତ୍ୟାଦି ଅଞ୍ଚଳରେ ମଧ୍ୟ ଏହି ପୂଜା ହୋଇଥିଲା। କିମ୍ବଦନ୍ତୀ ଅନୁଯାୟୀ, ମା' ମଙ୍ଗଳାଙ୍କୁ ପୂଜା କରି ସାଧବ ଝିଅ ତଅପୋଇ ତାଙ୍କ ଭାଇମାନଙ୍କୁ ଫେରି ପାଇଥିଲେ। ତେଣୁ ସେହିଦିନଠାରୁ ଭାଦ୍ରବ ମାସ ରବିବାରରେ ପ୍ରତ୍ୟେକ ଭଉଣୀ ସେମାନଙ୍କ ଭାଇମାନଙ୍କର ମଙ୍ଗଳ କାମନା କରି ଏହି ପୂଜା କରି ଆସୁଛନ୍ତି। ଏହି ପୂଜାକୁ ଭାଲକୁଣି ପୂଜା ମଧ୍ୟ କୁହାଯାଇଥାଏ।

### ଆଇଆଇଟି ପକ୍ଷରୁ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଶିବିର

ଜଟଣୀ,୮।୯(ଡି.ଏନ.ଏ.): ଜଟଣୀସ୍ଥିତ ଆଇଆଇଟି ପକ୍ଷରୁ ସ୍ଥାନୀୟ ଅରଗୁଳ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଶିବିର ଆୟୋଜିତ ହୋଇଥିଲା। ଶିକ୍ଷାନୁଷ୍ଠାନର ଜାତୀୟ ସେବା ଯୋଜନା, ଉନ୍ନତ ଭାରତ ଅଭିଯାନ ଓ ଆଇଆଇଟି ମେଡିକାଲ ଟିମ୍‌ର ମିଳିତ ଉଦ୍ୟମରେ ଆୟୋଜିତ ଶିବିରରେ ୨୦୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ଅରଗୁଳ, ପୋଡପଡା, କଂସପଦା ଓ ଆଖପାଖ ଗ୍ରାମର ଅନେକ ଲୋକ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର, ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

■ବିମୁଦ୍ରୀକରଣର କଷ୍ଟ ମନେପକାଇଲା

# ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ରରେ ମନମାନି

**ଖୋର୍ଦ୍ଧା ଅଫିସ,୮।୯:**





ପ୍ରଦୂଷଣ ସାର୍ଟିଫିକେଟ ଲାଗି ଲୋକଙ୍କ ଗହଳି ।

ବିମୁଦ୍ରୀକରଣର କଷ୍ଟକୁ ମନେ ପକାଇଛି ନୂଆ ମୋଟର ଯାନ ଆଇନ। ଭିତ୍ତିଭୂମି ନ ସଜାଡ଼ି ମୋଟର ଯାନ ଆଇନ ଲାଗୁ କରାଗଲା ପରେ ଯାନବାହନ ଚାଳକଙ୍କ ଦୁଃଖ ବଢ଼ି ଯାଇଛି। ନୂଆ ନିୟମ ଅନୁସାରେ, ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ ୧୦ ହଜାର ଜରିମାନା ଦେବାକୁ ପଡିବ। ଅବଶ୍ୟ ୬ ତାରିଖଠାରୁ ପ୍ରଦୂଷଣ ଚେକିଂ ନିୟମକୁ ମାସେ ପାଇଁ କୋହଳ କରିଦିଆଯାଇଛି। କାରଣ ପ୍ରଦୂଷଣ ସାର୍ଟିଫିକେଟ କାଢ଼ିବାକୁ ଗୋଟିଏ କେନ୍ଦ୍ରରୁ ଏକାଧିକ କେନ୍ଦ୍ରକୁ ଯିବାକୁ ପଡୁଛି। କେଉଁଠି କେନ୍ଦ୍ର ଖୋଜିଲେ ମିଳୁନି ତ ଆଉ କେଉଁଠାରେ କେନ୍ଦ୍ରର ମେଶିନ ଅଚଳ। ଆଉ କେଉଁଠି ଭୋରରୁ ନମ୍ବର କରି ଧାଡିରେ ଠିଆହେଲେ ମଧ୍ୟ ପୁଣି ପରଦିନ ଆସିବାକୁ ପଡୁଛି। ଯାନବାହନ ଚାଳକ କେଉଁ ପ୍ରକାର ହଇରାଣ ହେଉଛନ୍ତି ତାହା ବୁଝିବାକୁ କେହିନାହିଁ। ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ରଗୁଡିକ ସରକାରୀ କାଗଜାତରେ କାର୍ଯ୍ୟ କରୁଛନ୍ତି। ହେଲେ ବାସ୍ତବରେ ଏଗୁଡିକ କାର୍ଯ୍ୟ କରୁଛି କି ନାହିଁ ତା'ର ସମୀକ୍ଷା କରା ନ ଯିବାରୁ ସମୟ ଅପଚୟ, ହଇରାଣ ବଢ଼ିବାରେ ଲାଗିଛି।

### ଦଳେଇପୁଟ କେନ୍ଦ୍ରରେ ଉତ୍ତେଜନା

ଖୋର୍ଦ୍ଧା ବ୍ଲକ ଦଳେଇପୁଟ ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ର କର୍ମଚାରୀଙ୍କ ମନମାନି ଯୋଗୁ ପ୍ରଦୂଷଣ ସାର୍ଟିଫିକେଟ କରିବାକୁ ଆସିଥିବା ଯାନବାହନ ଚାଳକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଠାରେ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ହାତଗୁଞ୍ଜା ପାଇ କେନ୍ଦ୍ରର କର୍ମଚାରୀମାନେ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ନଜିର ଦେଖିବାକୁ ମିଳିଥିଲା ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ୨୦ ନଂ.ରେ ଅଟକି ରହିଥିଲା ପ୍ରଦୂଷଣ ସାର୍ଟିଫିକେଟ କାମ। ଏଠାର କର୍ମଚାରୀମାନେ ବାହାରକୁ ଯାଇ ୨ରୁ ୩ଟି ଟ୍ରକ୍‌ର କାଗଜାତ ଧରି ଆସି ପ୍ରଦୂଷଣ ସାର୍ଟିଫିକେଟ ତିଆରି କରିଥିଲେ। ୨୦ ନଂ. ସିରିଏଲରେ ଥିବା ଯାନବାହନ ଚାଳକ ଏହାର ପ୍ରତିବାଦ କରିବା ସହ କାହିଁକି ସିରିଏଲ ନମ୍ବର କରି ଧାଡି କରୁଛ ବୋଲି ପଚାରିଥିଲେ। ଭୋରରୁ ଲୋକେ ଆସି ସିରିଏଲ ନମ୍ବରରେ ରହି ଦିନତମାମ ଅପେକ୍ଷା କରୁଥିଲେ ମଧ୍ୟ ପ୍ରଦୂଷଣ ସାର୍ଟିଫିକେଟ କରିପାରୁନାହାନ୍ତି। ସିସିଟିଭି ଲାଗିଥିବା ସତ୍ତ୍ୱେ ମଝିରେ ହାତଗୁଞ୍ଜା ନେଇ ସିରିଏଲ ନମ୍ବର ବଦଳା ଯାଉଥିବାରୁ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହେଉଛି। ଏହାପରେ ଅନ୍ୟ ହିତାଧିକାରୀ ମଧ୍ୟ ଏହାର ପ୍ରତିବାଦ କରି ପାଟିତୁଣ୍ଡ କରିଥିଲେ। ଅନ୍ୟପକ୍ଷେ ରବିବାର ପୂର୍ବାହ୍ନରେ କାମ ଆରମ୍ଭ ହୋଇଥିବାବେଳେ ପୁଣି ୨ଟି ନଂ. ମନଇଚ୍ଛା ସିରିଏଲ ନମ୍ବର ପୂର୍ବରେ ଯୋଡି ଦିଆଯାଇଥିଲା, ଯାହାକି ତଦନ୍ତ ସାପେକ୍ଷ। ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ର ଉପରେ ଲଗାମ ନ ଥିବାରୁ ଲୋକମାନେ ହନ୍ତସନ୍ତ ହେଲେଣି। ସଂସ୍ଥାର ସିସିଟିଭି କ୍ୟାମେରା ରବିବାର କାର୍ଯ୍ୟ ଆରମ୍ଭରୁ ଯାଞ୍ଚ କଲେ ଅନିୟମିତତା ଧରାପଡିବ। ତେବେ ସଂସ୍ଥା ପକ୍ଷରୁ ଶାନ୍ତ ହୁଅ, ସବୁ ଚଳାଇ ନିଅନ୍ତୁ କହି ହିତାଧିକାରୀଙ୍କୁ ବୁଝାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା।

### ଖୋଜିଲେ ମିଳୁନି ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ର

ଖୋର୍ଦ୍ଧା ଜିଲାରେ ୨୭ ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ରଟି ସରକାରୀରେ କାଗଜପତ୍ର ଚାଲିଛି। ଏଥିରୁ ମାତ୍ର କେତେଗୋଟି କାର୍ଯ୍ୟ କରୁଛି। ତାହା ପୁଣି ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ରର ମର୍ଜି ଉପରେ। ଖୋର୍ଦ୍ଧା ବ୍ଲକର ଲେହେଙ୍ଗା ମୋଟା, ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସାନପଲ୍ଲୀ ପଲ୍ଲୀହାଟ ଓ ଜଟଣୀ ବ୍ଲକର ଗଙ୍ଗପଡାରେ ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ର କେଉଁଠି ରହିଛି ତାହା ଜଣାପଡୁନି। ନୟାକାଟ ନାରୁଣି ପ୍ରଦୂଷଣ

**ଯାନବାହନ ଚାଳକଙ୍କ ଦୁଃଖ ବୁଝିବାକୁ କେହି ନାହିଁ**

ପରୀକ୍ଷଣ କେନ୍ଦ୍ର ଖୋଲୁନି। ଏଠାକୁ ପ୍ରଦୂଷଣ ସାର୍ଟିଫିକେଟ କରିବାକୁ ଆସି ଲୋକଙ୍କୁ ଫେରିବାକୁ ପଡୁଛି। ଏହା ବାଲୁଗାଁରେ କାମ କରୁଛି। ପିତାପଲ୍ଲୀ ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ରରେ କେବଳ ଡିଜେଲ ଗାଡିର ପ୍ରଦୂଷଣ ସାର୍ଟିଫିକେଟ କରାଯାଉଛି କହି ଲୋକଙ୍କୁ ଫେରାଇ ଦିଆଯାଉଛି। ଖୋର୍ଦ୍ଧା ସହର ସିଡିଏମଓ ଅଫିସ ନିକଟସ୍ଥ ୫୭ ନଂ. ଜାତୀୟ ରାଜପଥ ପାଇକେରା ଫିଲିଂ ଷ୍ଟେଶନ ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ରର ମେଶିନ ଅଚଳ ଯୋଗୁ ଯାନବାହନ ଚାଳକ ଫେରୁଛନ୍ତି। ଏଠାରେ କେନ୍ଦ୍ର ଥିଲା ବୋଲି ଚାଳକ ଜାଣି ନ ଥିଲେ। ହଠାତ୍ କେନ୍ଦ୍ର ଖୋଲିଛି। ଗଙ୍ଗପଡା ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ର କେଉଁଠି ତାହା ମଧ୍ୟ ଜଣାପଡୁନି। ଏହିପରି ଜିଲାରେ କେତୋଟି କେନ୍ଦ୍ର ଅଛି, କେଉଁଠାରେ କାର୍ଯ୍ୟକ୍ଷମ ହେଉଛି ତାହା କେହି କହି ପାରୁନାହାନ୍ତି। ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ରର ଫୋନ ନମ୍ବରକୁ କଲ୍ ଗଲେ ଅଧିକାଂଶ ସମୟ କେହି ଉଠାଉନାହାନ୍ତି। ଯାନବାହନ ଚାଳକ କେବଳ ଅବ୍ୟବସ୍ଥାରେ ହିଁ ଛନ୍ଦି ହୋଇପଡିଛନ୍ତି।

### ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

**ବୋଲଗଡ,୮।୯(ଡି.ଏନ.ଏ.)–** ବୋଲଗଡ ବ୍ଲକ କଡବଠାରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ମାନସିଂହଙ୍କ ଆବାହକତ୍ୱରେ ବୈଠକ ଆୟୋଜିତ ହୋଇଛି। ସଙ୍ଗଠନର ବୋଲଗଡ ବ୍ଲକ ଉପଦେଷ୍ଟା ନାରାୟଣ ବେହେରା ବୈଠକରେ ପୌରୋହିତ୍ୟ କରିଥିଲେ। ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରରେ ହେବାକୁ ଥିବା ଏକ ରାଷ୍ଟ୍ରୀୟ କୃଷକ ସମାବେଶରେ ସାମାଜିକ କର୍ମୀ ଆନ୍ନା ହଜାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଯୋଜକ ମାନସିଂହ ସୂଚନା ଦେଇଥିଲେ। ତେଣୁ ହେବାକୁଥିବା ରାଷ୍ଟ୍ରୀୟ କୃଷକ ସମାବେଶରେ ଖୋର୍ଦ୍ଧା ଜିଲାରୁ ବହୁ ସଂଖ୍ୟାରେ କୃଷକ ତଥା ଚାଷୀମାନେ ଯୋଗଦେବାକୁ ସେ ପ୍ରସ୍ତାବ ଦେଇଥିଲେ। ସଙ୍ଗଠନର ରାଜ୍ୟ ସଦସ୍ୟ ରଞ୍ଜିତ ନାୟକ କହିଥିଲେ, କାଳିଆ ଯୋଜନାରେ ଠିକ୍ ଚାଷୀଙ୍କୁ କାଳକ୍ଷେପଣ ନୀତି ଅବଲମ୍ବନ ନ କରି ଶୀଘ୍ର ସରକାର ସହାୟତା ରାଶି ପ୍ରଦାନ କରନ୍ତୁ। ଚାଷୀମାନଙ୍କୁ ପେନସନ, ସରକାରୀ ଦପ୍ତରରେ ସମ୍ମାନ ଏବଂ ଚାଷୀ ଉତ୍ପାଦିତ ଦ୍ରବ୍ୟର ଠିକ୍ ମୂଲ୍ୟ ନିର୍ଦ୍ଧାରଣ ପାଇଁ ସରକାର ପଦକ୍ଷେପ ନେବା ଦରକାର। ଏଥିରେ ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ନଳିନୀ ବଡଜେନା, ପଞ୍ଚାୟତ ସଂଯୋଜକ ସନାତନ ରାଉତରାୟ, ପ୍ରମୋଦ କୁମାର ରାଉତ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀ ଓ କୃଷକମାନେ ଯୋଗଦେଇଥିଲେ।

■ବ୍ୟାପକ ଦୁର୍ନୀତିକୁ ବିରୋଧ

# କଂଗ୍ରେସ ପକ୍ଷରୁ ୧୦ରେ ଜଟଣୀ ବ୍ଲକ ଘେରାଉ

**ଜଟଣୀ,୮।୯(ଡି.ଏନ.ଏ.):**

କଂଗ୍ରେସ ଦଳ ପକ୍ଷରୁ ୧୦ ତାରିଖ ମଙ୍ଗଳବାର ବ୍ଲକ ଘେରାଉ କରାଯିବ। ବ୍ଲକ କାର୍ଯ୍ୟାଳୟ ସମେତ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ବ୍ୟାପକ ଦୁର୍ନୀତି ବିରୋଧରେ ଓ ଏହାର ତଦନ୍ତ ଦାବିରେ ଏହି ଘେରାଉ କରାଯିବ। ବ୍ୟାପକ ଦୁର୍ନୀତି ଓ ନିୟମ ଉଲ୍ଲଂଘନ କରି ଗତ ଶୁକ୍ରବାର ପଞ୍ଚାୟତ ସମିତି ବୈଠକକୁ ଅଧାରୁ ଶାସକ ଦଳ ସମର୍ଥିତ ବ୍ଲକ ଅଧ୍ୟକ୍ଷା ସ୍ଥଗିତ ରଖିଥିଲେ। ଏହି ଘଟଣାର ତଦନ୍ତ କରି ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ କଂଗ୍ରେସ ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଶନିବାର ଜିଲାପାଳଙ୍କୁ ସାକ୍ଷାତ୍‌କରି ଦାବିପତ୍ର ଦେଇଥିଲେ। ବ୍ଲକ ଅନ୍ତର୍ଗତ ଅଙ୍ଗାରପଡ଼ା ପଞ୍ଚାୟତରେ ସରପଞ୍ଚଙ୍କ ନିଜସ୍ୱ ପାଣ୍ଠିରେ ହୋଇଥିବା କେତେକ କାର୍ଯ୍ୟର ବିଲ୍ ପାସକୁ ନେଇ ଗତ ୫ ତାରିଖରୁ କଂଗ୍ରେସ ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଛି। ଏହାକୁ କେନ୍ଦ୍ରକରି ଉଭୟଦଳ ସମର୍ଥକଙ୍କ ମଧ୍ୟରେ ସେହିଦିନ ମାରପିଟ ହେବା ସହ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ୬ ତାରିଖରେ ଥିବା ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଏହାକୁ ନେଇ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ଅଧାରୁ ବୈଠକ ବର୍ଜନ କରି ବାହାରକୁ ପଳାଇ ଆସିଥିଲେ। ବ୍ଲକ ଅଫିସ ମୁଖ୍ୟ ଗେଟ୍ ନିକଟରେ ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡି କର୍ମୀଙ୍କ ଉପରେ ଆକ୍ରମଣ କରିଥିବା କଂଗ୍ରେସ ଦଳ ଲୋକଙ୍କୁ ଶୀଘ୍ର ଗିରଫ ପାଇଁ ଦାବି କରିଥିଲେ। ଜିଲାପାଳ ଓ ପୋଲିସଙ୍କୁ ଦାବିପତ୍ର ଦେଇଥିଲେ। ଏହାର ଜବାବରେ କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ ଘୋଷଣା ପରେ ବିବାଦ ଘନେଇବାରେ ଲାଗିଛି। ତେବେ ଏପରି ବିବାଦ ପଛରେ ବ୍ଲକ ପ୍ରଶାସନର ଅପାରଗତାକୁ ଅନେକ ଦାୟୀ କରୁଛନ୍ତି। ବ୍ଲକ ଅନ୍ତର୍ଗତ ଅଙ୍ଗାରପଡ଼ା ପଞ୍ଚାୟତରେ ଦୀର୍ଘଦିନ ହେବ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅନେକ ସମୟରେ ସମ୍ପୃକ୍ତ ପଞ୍ଚାୟତ ବାସିନ୍ଦା ଅଭିଯୋଗ କରିଆସୁଛନ୍ତି। ଏ ନେଇ ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ହେଲେ କୌଣସି ପ୍ରତିକାର ହେଉ ନ ଥିବାରୁ ଦୀର୍ଘଦିନରୁ କୁହୁଳି ଥିବା ନିଆଁ ଗତ ୫ ତାରିଖରେ ବ୍ଲକ କାର୍ଯ୍ୟାଳୟରେ ଦେଖିବାକୁ ମିଳିଥିଲା। ବିବାଦ ପଛରେ ରହିଥିବା ଅନେକ କାରଣ ମଧ୍ୟରୁ ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ଜଣେ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟ ଅନ୍ୟତମ ବୋଲି କେତେଜଣ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଏହି ପଞ୍ଚାୟତ ଦାୟିତ୍ୱରୁ ହଟାଗଲେ ଅନେକ ସମସ୍ୟା ଦୂର ହୋଇପାରିବ ବୋଲି ପଞ୍ଚାୟତର ଅନେକ ନିରପେକ୍ଷ ଲୋକ କହିଛନ୍ତି।

### ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା ଅଫିସ,୮।୯:** ଗଜଲକ୍ଷ୍ମୀ ପୂଜା ଲାଗି ଖୋର୍ଦ୍ଧା ବ୍ୟବସାୟୀ ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଧାୟକ ତଥା ଗଜଲକ୍ଷ୍ମୀ ଭସାଣି ଉତ୍ସବର ସଭାପତି ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭସାଣି ଉତ୍ସବରେ ଡିଜେକୁ ବାଦ୍ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଶବ୍ଦ ପ୍ରଦୂଷଣ ଉପରେ ମଧ୍ୟ କଡା ନଜର ରଖାଯିବ। ଭସାଣି ଉତ୍ସବରେ ଏକତ୍ରିତ ହୋଇଥିବା ପୂଜା କମିଟିଗୁଡିକ ମଧ୍ୟରୁ ଶ୍ରେଷ୍ଠ ଶୋଭାଯାତ୍ରା, ଶ୍ରେଷ୍ଠ ମୂର୍ତ୍ତି ଓ ମେଢ ଏବଂ ଶ୍ରେଷ୍ଠ ଶାନ୍ତିଶୃଙ୍ଖଳାକାରୀ ଦଳ ଚୟନ କରାଯାଇ ପୁରସ୍କୃତ କରାଯିବ। ସବୁବର୍ଷ ପରି ଖୋର୍ଦ୍ଧା ବ୍ୟବସାୟୀ ମହାସଂଘ ଗଜଲକ୍ଷ୍ମୀ ଭସାଣି ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରଶାସନିକ ସ୍ତରରେ ବୈଠକ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ସହଯୋଗ କରିବେ ବୋଲି କହିଥିଲେ।

## ଟ୍ରାଫିକ୍ ନିୟମ କୋହଳ ଦାବି କଲା ସଂଘ



ଧାରଣାରତ ଅଟୋ ଆସୋସିଏଶନର କର୍ମକର୍ତ୍ତାମାନେ ।

**ବାଲୁଗାଁ, ୮।୯(ଡ଼ି.ଏନ.ଏ.) :**

ରାଜ୍ୟରେ ନୂତନ ଟ୍ରାଫିକ ନିୟମ ଲାଗୁ କରାଯାଇଥିବା ବେଳେ ଏହାକୁ ନେଇ ବିଭିନ୍ନ ଯାନବାହନ ଚାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଆନ୍ଦୋଳନ ଦାନା ବାନ୍ଧୁଛି। ବାଲୁଗାଁ ଅଞ୍ଚଳରେ ମା' ଉତ୍ତରାୟଣୀ ଅଟୋ ଆସୋସିଏଶନ ଓ ଶ୍ରୀଉମାମହେଶ୍ୱର ଅଟୋ ଆସୋସିଏଶନ ପକ୍ଷରୁ ବ୍ୟାପକ ଯାତ୍ରୀବାହୀ ଅଟୋ ରିକ୍ସା ଚାଲୁଛି। ତେବେ ସୀମିତ ଯାତ୍ରୀ ପରିବହନ କଟକଣାକୁ ନେଇ ଏଠାରେ ସଂଘ ପକ୍ଷରୁ ରବିବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନୂତନ ମୋଟର ଯାନ ନିୟମ ଅନୁଯାୟୀ, ପୋଲିସ ପକ୍ଷରୁ ଗାଡି ମୋଟର ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଉଛି। ପୂର୍ବରୁ ଅଟୋ ରିକ୍ସାରେ ୫ ରୁ ଊର୍ଦ୍ଧ୍ୱ ଯାତ୍ରା କରୁଥିଲେ। ସେହି ଅନୁସାରେ, ଯାତ୍ରୀଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟ ଆଦାୟ ହେଉଥିଲା। ବର୍ତ୍ତମାନ ୩ ଜଣରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଲେ ଜରିମାନା ଦେବାକୁ ପଡୁଛି। ତେଣୁ ଅଟୋ ଚାଳକ ନିଜର ଭରଣପୋଷଣ ଉଦ୍ଦେଶରେ ପିଛା ଭଡ଼ା ବୃଦ୍ଧି କରିଥିବାରୁ ଅଧିକ ମୂଲ୍ୟ ଦେବା ପାଇଁ ଯାତ୍ରୀମାନେ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି। ଏ ନେଇ ପ୍ରତ୍ୟହ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ଏହି ପରିପ୍ରେକ୍ଷୀରେ ରବିବାର ବାଲୁଗାଁରୁ ନାରୁଣୀ ପରିବହନ କରୁଥିବା ମା' ଉତ୍ତରାୟଣୀ ଅଟୋ ଚାଳକ ସଂଘ ପକ୍ଷରୁ ଟ୍ରାଫିକ ନିୟମ କୋହଳ, କାଗଜପତ୍ର ଠିକ୍ ନିମନ୍ତେ କିଛିଦିନ ମହଲତ ଦାବି ନେଇ ସଂଘର ସଭାପତି ଅଭିମନ୍ୟୁ ସ୍ୱାଇଁ ଓ ସମ୍ପାଦକ ନିରଞ୍ଜନ ମୁଦୁଲିଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ଧାରଣା ଦେଇଥିଲେ। ପରେ ଏ ସମ୍ପର୍କରେ ଏକ ଦାବିପତ୍ର ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମହାଲିକ ଓ ଏସ୍‌ଡିପିଓ ସୁନୀଲ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଶ୍ରୀଉମାମହେଶ୍ୱର ଅଟୋ ଚାଳକ ସଂଘ ସମ୍ପାଦକ ଅଶୋକ ଦାସଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଉଭୟ ବାଲୁଗାଁ ଏବଂ ବାଣପୁର ଥାନାରେ ଏ ନେଇ ଦାବି ଜଣାଇଛନ୍ତି ।





## ପ୍ଲାଷ୍ଟିକ ବସ୍ତୁ ପରିତ୍ୟାଗ ପାଇଁ ରେଳପଥ ପକ୍ଷରୁ ସଚେତନତା

**ଜଟଣୀ, ୮।୯(ଡି.ଏନ.ଏ):**

ରେଳପଥ ପରିସରରେ ପ୍ଲାଷ୍ଟିକ ବସ୍ତୁ ବ୍ୟବହାରକୁ ଅକ୍ଟୋବର ୨ରୁ ନିଷେଧ କରାଯିବ। ପ୍ଲାଷ୍ଟିକ ବସ୍ତୁର ବ୍ୟବହାରର ଭୟାଭୟତା ଓ ଭବିଷ୍ୟତକୁ ସୁରକ୍ଷା ଦେବାକୁ ଏହାର ପରିତ୍ୟାଗ ଉପରେ ଖୋର୍ଦ୍ଧାରୋଡ ରେଳ ଡିଭିଜନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ୟାଗ୍, ବୋତଲ, ଷ୍ଟ୍ର, ପ୍ଲେଟ, କପ୍ ଆଦି ପ୍ଲାଷ୍ଟିକ ସାମଗ୍ରୀ ପରିତ୍ୟାଗ କରି ପରିବେଶର ସୁରକ୍ଷା କରିବା ଉପରେ ଯାତ୍ରୀ ଓ ଲୋକଙ୍କୁ ସଚେତନ କରାଯାଇଥିଲା। ବ୍ୟାନର ଓ ଲିଫ୍‌ଲେଟ୍ ମାଧ୍ୟମରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଡିଭିଜନର ଡିଆର୍‌ଏମ୍ ଶଶୀକାନ୍ତ ସିଂ, ଏଡିଆର୍‌ଏମ୍ ରାଜକୁମାର, ଅନ୍ୟ ଅଧିକାରୀଙ୍କ ସମେତ ସ୍କାଉଟ୍ ଓ ଗାଇଡ୍‌ମାନେ ଏଥିରେ ସାମିଲ ହୋଇଥିଲେ।

■ନଗ୍ନ ଭିଡିଓ ଶୁଟିଂ, ବଳାତ୍କାର ମହଙ୍ଗା ପଡିଲା

# ଜେଲଗଲେ ଦୁଇ ଧର୍ମଭାଇ

**ଖୋର୍ଦ୍ଧା ଅଫିସ,୮।୯:**

■ଉଧାର ନେଇ ସୃଷ୍ଟି କରିଥିଲେ ସମ୍ପର୍କ
■ଧର୍ମ ମା, ଅନ୍ୟ ଭାଇ ଫେରାର

ନଗ୍ନ ଭିଡିଓ, ବଳାତ୍କାର, ବ୍ଲାକ ମେଲିଂ କରି ଲକ୍ଷାଧିକ ଟଙ୍କା ନେଇଯିବା ପରି ଅଭିଯୋଗ ହୋଇଛି। ଏହି ଘଟଣାରେ ବାଣପୁର ଥାନା ପୋଲିସ ଖଜୁରିଆ ଗାଁର କାଳିଆ ରାଉତରାୟ ଓ ବିଶ୍ୱଜିତ ରାଉତରାୟ ନାମକ ଦୁଇ ଧର୍ମଭାଇଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଦୁଇଭାଇଙ୍କୁ ବାଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ତେବେ ଧର୍ମ ମା' ଓ ଅନ୍ୟ ଜଣେ ଭାଇ ଫେରାର ହୋଇଯାଇଛନ୍ତି।

ଅଭିଯୋଗ ଅନୁସାରେ ବାଣପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ସ୍ୱାମୀ ବିଦେଶରେ କାମ କରିଛନ୍ତି । ଘରେ ସେ ଏକାକୀ ରହୁଥିଲେ। ଏହାର ସୁଯୋଗ ନେଇ ପ୍ରାୟ ୨ ବର୍ଷ ପୂର୍ବେ ଖଜୁରିଆ ଗ୍ରାମର ଅର୍ଜୁନ ରାଉତରାୟଙ୍କ ସ୍ତ୍ରୀ କଳାବତୀ ତାଙ୍କଠାରୁ ୫୦ ହଜାର ଟଙ୍କା ଧାର ନେଇଥିଲେ। ତେବେ ଧାର ଟଙ୍କା ଶୁଝିବା ବଦଳରେ କଳାବତୀ ତାଙ୍କୁ ଧରମ ଝିଅ କରି ତାଙ୍କ ସହ ସମ୍ପର୍କ ସୃଷ୍ଟି କରିଥିଲେ। ପରେ ତାଙ୍କ ଘରକୁ ଯିବା ଆସିବା କରି ମନରେ ବିଶ୍ୱାସ ଜନ୍ମାଇ ସମ୍ପର୍କ ନିବିଡ କରିଥିଲେ। ତେବେ ମହିଳାଙ୍କ ସ୍ୱାମୀ ବିଦେଶରୁ ପଠାଉଥିବା ଟଙ୍କା ଲୁଟ୍ କରିବାକୁ ଚକ୍ରାନ୍ତ କରି କଳାବାତୀ ତାଙ୍କ ଘରକୁ ଡାକି ଆଣିଥିଲେ। ପରେ ତାଙ୍କୁ ଝିଅ ଝିଅ କହି ନିଶା ଔଷଧ ମିଶା ପଣା ପିଇବାକୁ ଦେଇଥିଲେ। ପଣା ପିଇବା ପରେ ମହିଳା ଜଣକ ଚେତା ଶୂନ୍ୟ ହୋଇପଡିଥିଲେ। ଏହି ସମୟରେ କଳାବତୀଙ୍କ ପୁଅ କାଳିଆ, ବିଶ୍ୱଜିତ ଓ ରାଜେନ୍ଦ୍ର ମୋବାଇଲରେ ମହିଳାଙ୍କର ଆପତ୍ତିଜନକ ଫଟୋ ଉଠାଇଥିଲେ। ପରେ ଏହି ଫଟୋ ଭାଇରାଲ କରିଦେବା ଧମକ ଦେଇ ସେମାନେ ମହିଳାଙ୍କଠାରୁ ୨୦ ଲକ୍ଷ ଟଙ୍କା ସମେତ ସୁନାଚେନ, ଲ୍ୟାପଟପ୍, ସ୍କୁଟି ପରି ଦାମୀ ଜିନିଷମାନ ହାତେଇ ନେଇଥିଲେ। ଏପରିକି କାଳିଆ ମହିଳାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଶାରୀରିକ ସମ୍ପର୍କ ସ୍ଥାପନ କରିବା ସହ ଏହାର ଭିଡିଓ ଶୁଟିଂ କରିଥିଲେ। ତେବେ ତିନି ଭାଇଙ୍କ ଦାବି ବଢିବାରୁ ମହିଳା ଜଣକ ସେମାନଙ୍କୁ ଟଙ୍କା ଦେବା ବନ୍ଦ କରି ଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କାଳିଆ ଫଟୋ ଓ ଭିଡିଓ ମହିଳାଙ୍କ ସ୍ୱାମୀ ଓ ପିଲାଙ୍କୁ ପଠାଇବା ସହ ହ୍ୱାଟ୍ସଆପରେ ଭାଇରାଲ କରି ଦେଇଥିଲେ। ମହିଳା ଏହାର ପ୍ରତିବାଦ କରିବାରେ ଗ୍ରାମ ଛକରେ କାଳିଆ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଶନିବାର ରାତିରେ ମହିଳା ଜଣକ ଥାନାରେ ଅଭିଯୋଗ କରିବାରେ ପୋଲିସ ଦଫା ୩୭୬(୨)(ଏନ), ୩୮୪, ୨୯୪, ୫୦୬, ୧୦୯, ୧୨୦(ବି),୩୪ ଆଇପିସି, ୬୭(ଜି) ଆଇଟି ଆକ୍ଟ, ୨୫/୨୭ ଆର୍ମସ ଆକ୍ଟରେ ନଂ.୨୫୧/୧୯ ରେ ମାମଲା ରୁଜୁ କରି ଡାକ୍ତରୀ ମାଇନା କରାଇ ତଦନ୍ତ ଚଳାଇଥିଲା। ରବିବାର କାଳିଆ ଓ ବିଶ୍ୱଜିତ ଗମ୍ଭାରୀମୁଣ୍ଡାରେ ଥିବା ମୋବାଇଲ ଟ୍ରାକିଂରୁ ଜାଣି ଗିରଫ କରି ଡାକ୍ତରମାଇନା କରାଇ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

■ବେଗୁନିଆ ବ୍ଲକ ଚାଷୀଙ୍କ ମଧ୍ୟରେ ଭାଳେଣି

# ପୋକ କବଳରେ ଧାନ ଫସଲ

**ବେଗୁନିଆ, ୮।୯ (ଡି.ଏନ.ଏ.)**

ପ୍ରତିବର୍ଷ ଭଳି ଚଳିତ ଖରିଫ ଋତୁରେ ଜମିରେ କରାଯାଇଥିବା ଧାନ ଫସଲରେ ପୋକଙ୍କର ପ୍ରାଦୁର୍ଭାବ ଆରମ୍ଭ ହେଲାଣି। ଧାନ ଗଛ ଆଉ କିଛି ଦିନରେ ଧୋଡ ଦେଇଥାନ୍ତା। ହେଲେ ଏବେଠୁ ଯଦି ଧାନ ଫସଲ ପୋକ କବଳରେ ରହିବ ତେବେ ଅମଳ କମିଯିବ ବୋଲି କୁହାଯାଉଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଭାଳେଣି ପଡିଲାଣି। କାରଣ ଧାନ ଫସଲରୁ ଚାଷୀଙ୍କ ଆୟର ପ୍ରମୁଖ ରୋଜଗାର ମାଧ୍ୟମ ହୋଇଥିବା ବେଳେ ପୋକ ଲାଗିଯିବାରୁ କିଭଳି ବର୍ଷକ ଖାଦ୍ୟ ସଂଗ୍ରହ କରିବେ ତାହାକୁ ନେଇ ସଂଶୟ ସୃଷ୍ଟି ହୋଇଛି। ଏ ନେଇ କୃଷି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଚାଷୀ ସଚେତନତା ଆବଶ୍ୟକ ବୋଲି ଚାଷୀମାନେ ମତପୋଷଣ କରିଛନ୍ତି।

ବେଗୁନିଆ ବ୍ଲକ ଅଞ୍ଚଳରେ ପ୍ରତିବର୍ଷ ଧାନ ଚାଷ ଆରମ୍ଭକରୁ ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁବା ସହ ରୋଗପୋକ ପ୍ରମୁଖ ସମସ୍ୟା ଭାବେ ଉଭା ହେଉଛି। ପ୍ରତିବର୍ଷ ସେପ୍ଟେମ୍ବର ମାସରେ ପୋକମାନଙ୍କର ଦମନ ଆରମ୍ଭ ହେଉଛି। ଏହାର ପ୍ରମୁଖ କାରଣ ହେଲା ଜଳବାୟୁ ପରିବର୍ତ୍ତନ ଏବଂ ଫସଲରେ ରାସାୟନିକ ସାରର ମାତ୍ରାଧିକ ପ୍ରୟୋଗ। ଖରିଫ ଋତୁ ଆରମ୍ଭରୁ ଚାଷୀ ତାର ଚାଷ କାର୍ଯ୍ୟ ଆଗେଇ ନେଇ ରୁଆ ପୋତା ଆରମ୍ଭ କରିଥିଲା। ଚଳିତ ଭାଦ୍ରବ ମାସ ଶେଷ ହେବା ବେଳକୁ ଧାନ ଫସଲ ଏବେ ମଧ୍ୟମ ସ୍ଥରରେ ପହଞ୍ଚିଛି। ଏବେ ଧାନ ଗଛରେ କାଣ୍ଡବିନ୍ଧା, ପତ୍ରମୋଡ଼ା, ନଳିପୋକ, ମାଟିଆଗୁଣ୍ଡି, ଝିଣ୍ଟିକା, ଜଉପୋକ, ଛଅଗୋଡିଆ ପୋକଙ୍କର ପ୍ରାଦୁର୍ଭାବ ଆରମ୍ଭ ହେଲାଣି। ଚଳିତ ଖରିଫ ଋତୁରେ ବ୍ଲକ ଅଞ୍ଚଳରେ ୫୫୭୫ ହେକ୍ଟର ଜମିରେ ଧାନ ବୁଣି ହୋଇଥିବା ବେଳେ ୮୩୬୬ ହେକ୍ଟର ଜମିରେ ତଳି ରୁଆ କାର୍ଯ୍ୟ ହୋଇଛି। ସେଥି ମଧ୍ୟରୁ ୧୩ ଶହ ହେକ୍ଟର ଜମିରେ ଦେଶୀଧାନ ଫସଲ କରାଯାଇଛି। ଅଧିକ ଅମଳକ୍ଷମ କିସମ ସ୍ୱର୍ଣ୍ଣ, ପୂଜା, ହଜାର ଏଗାର, ଚମ୍ପାଧାନ ୧୨ ହାଜର ୬୦୧ ହେକ୍ଟର ଜମିରେ ଫସଲ କରାଯାଇଛି। ସେହିପରି ୪୦ ହେକ୍ଟର ଜମିରେ ହାଇବ୍ରିଡ ଧାନ ଫସଲ ଚାଷୀମାନଙ୍କ ଦ୍ୱାରା କରାଯାଇଛି। ତେବେ ବ୍ଲକରେ ଚଳିତବର୍ଷ ଧାନ ଫସଲ କରାଯାଇଥିବା ୧୩ ହଜାର ୯୪୧ ହେକ୍ଟର ଧାନ ଫସଲ ସ୍ଥିତି ଜଟିଳ ହେବାରେ ଲାଗିଛି। ଏହାର ପ୍ରତିକାର ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ ପଚାରିବାରେ ଚାଷୀମାନେ ଭୟଭୀତ ହେବାର କିଛି ନାହିଁ। ବିଭିନ୍ନ ପ୍ରକାରର ଔଷଧ ସବ୍‌ସିଡି ମାଧ୍ୟମରେ ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଅନ୍ୟପକ୍ଷରେ ଯଦି ଫସଲରେ କୌଣସି ରୋଗପୋକ ଲାଗିଥିବାର ଜାଣିବାକୁ ପାଉଛନ୍ତି ତେବେ ଶୀଘ୍ର ବିଭାଗୀୟ କର୍ମଚାରୀ କିମ୍ବା ମୋ ସହିତ ଯୋଗାଯୋଗ କରିବାକୁ ଚାଷୀମାନଙ୍କୁ ସେ କହିଛନ୍ତି।



ଧାନଗଛରେ ଲାଗିଥିବା ପୋକ ।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ପଞ୍ଚାୟତ କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

ବ୍ରହ୍ମଗିରି,୮।୯(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବେଣ୍ଟପୁର ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ପଞ୍ଚାୟତ ସ୍ତରରେ ବିଭିନ୍ନ ଗ୍ରାମପଞ୍ଚାୟତଗୁଡ଼ିକରେ କାର୍ଯ୍ୟରତ ପିଅନ ଏବଂ କର୍ମଚାରୀଙ୍କ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବ୍ରହ୍ମଗିରି ବ୍ଲକ ପିଅନ ସଂଘର ସଭାପତି ଶତ୍ରୁଘ୍ନ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟରତ ସମସ୍ତ ପିଅନ, ରାତ୍ରଜଗୁଆଳି ଓ ଝାଡୁଦାରମାନେ ଯୋଗ ଦେଇଥିଲେ। ଦୀର୍ଘଦିନ ଧରି ଏମାନେ ପଞ୍ଚାୟତଗୁଡ଼ିକରେ କାର୍ଯ୍ୟ କରୁଥିଲେ ମଧ ସରପଞ୍ଚମାନେ ନିୟମିତ ହିସାବର ଏକ ମଜୁରି ପାଉନାହାନ୍ତି। ୧୦୦ କି ୧୫୦ ମଧରେ ମଜୁରି ମିଳୁଥିବାବେଳେ ତାହା ମଧ ନିୟମିତ ନ ମିଳିବାରୁ ସେମାନେ ପରିବାର ପ୍ରତିପୋଷଣ କରିପାରୁ ନାହାନ୍ତି। ସରକାର ଘୋଷଣା କରିଥିବା ଜଣେ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ଅନୁଯାୟୀ ମଧ ଏମାନେ ସେତିକି ପାଇପାରୁ ନାହାନ୍ତି। ତେଣୁ ପଞ୍ଚାୟତ ଶ୍ରମିକଙ୍କ ଚାକିରିକୁ ସ୍ଥାୟୀ କରିବା ଓ ନିୟମିତ ମଜୁରି ମିଳିବା ଭଳି ବିଭିନ୍ନ ଦାବି ସରକାର ନିକଟରେ ଦାବି ରଖିଛନ୍ତି। ଯଦି ସରକାର ଏହି ଦାବି ପ୍ରତି ଗୁରୁତ୍ୱ ନ ଦିଅନ୍ତି ତେବେ ଆସନ୍ତା ଅକ୍ଟୋବରରେ ଓଡ଼ିଶାର ସମସ୍ତ ଗ୍ରାମପଞ୍ଚାୟତର କର୍ମଚାରୀମାନେ ଆନ୍ଦୋଳନ କରିବାର ନିଷ୍ପତ୍ତି ନିଆଯାଇଥିବା ସଭାରେ କୁହାଯାଇଛି।

### ୧୪ରୁ ସର୍ବଭାରତୀୟ ଯୋଗ ଉତ୍ସବ

ପୁରୀ ଅଫିସ, ୮।୯ : ଓନ୍ଲି ଯୋଗା ଆନୁକୂଲ୍ୟରେ ଶ୍ରୀକ୍ଷେତ୍ରରେ ସର୍ବଭାରତୀୟ ସ୍ତରୀୟ ଯୋଗ ପ୍ରତିଯୋଗିତା, ଯୋଗ ଶିବିର ଆସନ୍ତ ୧୪ ଓ ୧୫ରେ ଅନୁଷ୍ଠିତ ହେବ। ସ୍ଥାନୀୟ ଦୁଦ୍‌ୱାଲା ଧର୍ମଶାଳାରେ ଆୟୋଜିତ ହେବାକୁ ଥିବା ଏହି ଦୁଇ ଦିବସୀୟ ପ୍ରତିଯୋଗିତା ଏବଂ ଶିବିରରେ ୯ ବର୍ଷରୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିରେ ସମସ୍ତ ବାଳକ ବିଭାଗରେ ଶ୍ରେଷ୍ଠ ବିଜେତାଙ୍କୁ ଭାରତ ଯୋଗପୁତ୍ର ଏବଂ ବାଳିକାଙ୍କୁ ଭାରତ ଯୋଗପୁତ୍ରୀ ସମ୍ମାନରେ ସମ୍ମାନିତ କରାଯିବ। ସର୍ବଶ୍ରେଷ୍ଠ ବିଜେତା(ବାଳିକା ଓ ବାଳକ ବର୍ଗ)ଙ୍କୁ ଯୋଗଶ୍ରୀ ଉପାଧି ଦିଆଯିବ। ଯୋଗଶ୍ରୀ ଉପାଧିଧାରୀଙ୍କ ଗୁରୁଙ୍କୁ ଯୋଗଦ୍ରୋଣ ସମ୍ମାନ ପ୍ରଦାନ କରାଯିବ। ଦୁଇଦିନ ବ୍ୟାପୀ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଯୋଗାଭ୍ୟାସ କରାଯିବ ବୋଲି ସଂସ୍ଥା ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଯୋଗାର୍ଜୁନ ଭାବେ ପରିଚିତ ଯମେଶ୍ୱର ଖୁଣ୍ଟିଆଙ୍କ ଯୋଗାଭ୍ୟାସର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ବୋଲି କୁହାଯାଇଛି। ଶରୀରକୁ ସୁସ୍ଥ, ସବଳ ଏବଂ ଏକାଗ୍ରତା ବୃଦ୍ଧି ସକାଶେ ଯୋଗର ଆବଶ୍ୟକତା ରହିଛି। ଯୋଗ ହେଉଛି ଭାରତୀୟଙ୍କ ପରିଚୟ। ଅତୀତରେ ସାଧୁସନ୍ଥ, ମୁନିଋଷି ଯୋଗର ମହତ୍ୱ ସମ୍ପର୍କରେ ପ୍ରତିପାଦନ କରିଛନ୍ତି ବୋଲି ଖୁଣ୍ଟିଆ କହିଛନ୍ତି।

### ୧୦୮ ଆଳତି, ପ୍ରସାଦ ଅର୍ପଣ

ପୁରୀ ଅଫିସ, ୮।୯ : ପୁରୀ ଚୁଡ଼ଙ୍ଗସାହି ମାତାଗୋସାଇଁ ଲେନ୍‌ଠାରେ ସ୍ଥାନୀୟ ଯୁବ ଅନୁଷ୍ଠାନ ୟଙ୍ଗ୍ ଷ୍ଟାଇଲର୍ସ ପକ୍ଷରୁ ୭ଦିନ ବ୍ୟାପୀ ସିଦ୍ଧି ବିନାୟକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷ ରଜନୀରେ ୧୦୮ ଆଳତି ସହ ବିଭିନ୍ନ କିସମର ୧୦୮ ଫଳମୂଳ ଆଦି ଶୃଙ୍ଖଳା ଭୋଗ ବିନାୟକଙ୍କୁ ଅର୍ପଣ କରିଥିଲେ। ଗତ ୬ବର୍ଷ ଧରି ନିଆରା ଢଙ୍ଗରେ ପାରମ୍ପରିକ ଭାବେ ବିନାୟକ ପୂଜା ଆୟୋଜନ କରିଆସୁଛି ଏହି ଅନୁଷ୍ଠାନ। ସପ୍ତଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତାର ବାର୍ତ୍ତା ଆଦି ପ୍ରଦାନ କରିଥିଲେ। ବିକ୍ରମ ଦାସଙ୍କ ସଂଯୋଜନାରେ ବିଷ୍ଣୁ ପ୍ରସାଦ ଦାସ, ଅଭିଷେକ ପାତ୍ର, ଅଜୟ କୁମାର ସାହୁ, କାହ୍ନା ରାକେଶଙ୍କ ସମେତ ଅନୁଷ୍ଠାନର ସଦସ୍ୟ ଏଥିରେ ସାମିଲ ହୋଇଛନ୍ତି। ରବିବାର ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଶରଧାବାଲିସ୍ଥିତ ଶ୍ରୀଗଣପତି ମିଳନ ମହୋତ୍ସବରେ ଯୋଗଦାନ କରିଥିଲେ। ପରେ ସେଠାରୁ ବାହାରି ତାଙ୍କୁ ବିସର୍ଜନ କରାଯାଇଥିଲା।

## ପୁରୀ ଜିଲା ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ମହେଶ୍ୱର, ଜ୍ୟୋତିର୍ମୟଙ୍କୁ ମହାରଥୀଙ୍କ କଟାକ୍ଷ

କୋଣାର୍କ, ୮।୯(ଡି.ଏନ୍.ଏ.)



ପୁରୀ ଜିଲା ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିମାନେ।

କୋଣାର୍କଯାତ୍ରୀନିବାସଠାରେ ରବିବାର ପୁରୀ ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରୁ ପିପିଲି ବିଧାୟକ ପ୍ରଦୀପ ମହାରଥୀ କହିଥିଲେ, ଜିଲା ସଭାପତି ମହେଶ୍ୱର ବାବୁ ଆଉ ଘରେ ନ ବସି ଲୋକଙ୍କ ପାଖକୁ ଯାଆନ୍ତୁ। ନିର୍ବାଚନ ସମୟରେ ଭୋଟଗୁଡ଼ାକ ପକେଟରେ ଅଛି, ଆଉ ଜିତିବା ନିଶ୍ଚିତ ବୋଲି ଧରିନେଇ ମହେଶ୍ୱର ବାବୁ ଶୋଇଗଲେ। ଫଳ ଯାହା ହେବା କଥା ହେଲା। ତେବେ ଏତିକିରେ ଅଟକି ନ ଥିଲେ ମହାରଥୀ। ଏହାପରେ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇଙ୍କୁ ଟାର୍ଗେଟ କରି କହିଲେ, ଜିତିବାର ବର୍ଷେ ପୂରିଲା। ଏଯାବତ୍ ଜିଲା ପରିଷଦର ଗୋଟିଏ ହେଲେ ବୈଠକ ଡକାଗଲାନାହିଁ। ମହାରଥୀଙ୍କ ଏପରି ଆକ୍ଷେପର ପ୍ରତ୍ୟୁତ୍ତରରେ କୌଣସି ନେତା ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ।

ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଯୁବକ, କୃଷକ, ମହିଳା ଓ ସଂଖ୍ୟାଲଘୁ ବର୍ଗର ଯୁବତୀ ଯୁବକ ତଥା ତୃଣମୂଳସ୍ତରର ଛାମୁଆ ସଙ୍ଗଠକମାନଙ୍କୁ ସଭ୍ୟ ସଂଗ୍ରହ ଅଭିଯାନକୁ ଜୋର୍‌ଦାର କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକାରିଣୀ ବୈଠକରେ ପଞ୍ଚାୟତ ଓ ୱାର୍ଡ ସ୍ତରରେ ୪ଜଣ ସକ୍ରିୟ ସଭ୍ୟ ୧୦୦ ଜଣ ନୂତନ ସଭ୍ୟ ସଂଗ୍ରହ କରିବେ, ଏନ୍‌ଏସିର ୱାର୍ଡସ୍ତରରେ ୫ଜଣ ସକ୍ରିୟ ସଭ୍ୟ ୧୨୫ ଜଣ ସଭ୍ୟ ଓ ମ୍ୟୁନିସିପାଲିଟିର ୧୫ ସକ୍ରିୟ ସଭ୍ୟଙ୍କ ମାଧ୍ୟମରେ ୩୨୫ ନୂତନ ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବୈଠକରେ ପୁରୀ ଜିଲା ପର୍ଯ୍ୟବେକ୍ଷକ ତଥା ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀ, ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ଉପସଭାପତି ସଞ୍ଜୟ କୁମାର ଦାଶବର୍ମା, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପୁରୀ ଜିଲା ବିଜେଡି ମହିଳା ସଭାନେତ୍ରୀ ଶାନ୍ତିଲତା ପ୍ରଧାନ ଏବଂ ବିଜେଡି ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ପୁରୀ, ପିପିଲି, ନିମାପଡ଼ା, ସତ୍ୟବାଦୀ, ବ୍ରହ୍ମଗିରି ଓ କାକଟପୁର ନିର୍ବାଚନମଣ୍ଡଳୀରୁ ଯୁବ, ଛାତ୍ର, ମହିଳା, ସଂଖ୍ୟାଲଘୁ, ନିର୍ବାଚିତ ପ୍ରତିନିଧି, ବ୍ଲକ ଅଧ୍ୟକ୍ଷ, ପଞ୍ଚାୟତ ସଭାପତିଙ୍କ ସମେତ ଦୁଇ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୋଣାର୍କ ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା, ଅସ୍ତରଙ୍ଗ ବ୍ଲକ୍ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପରିଚାଳନା କରିଥିବାବେଳେ କୋଣାର୍କ ଏନ୍‌ଏସିର ଭରତ ଚନ୍ଦ୍ର ନାୟକ, ପଦ୍ମଚରଣ ବେଉରା, ପ୍ରଫୁଲ୍ଲ ପାତ୍ର ଓ ସୁଶାନ୍ତ କୁମାର ବେଉରା ପ୍ରମୁଖ ସହଯୋଗ କରିଥିଲେ।

# ପୁରୀ ରେଳ ଷ୍ଟେଶନରୁ ୧୭ ନାବାଳିକା ଉଦ୍ଧାର

ପୁରୀ ଅଫିସ, ୮।୯

ପୁରୀ ରେଲୱେ ଷ୍ଟେଶନ ପରିସରରୁ ରବିବାର ଆରପିଏଫ୍ ୧୭ ଜଣ ନାବାଳିକାଙ୍କୁ ଉଦ୍ଧାର କରିଛି। ଉଦ୍ଧାର ନାବାଳିକାମାନେ କନ୍ଧମାଳ ଜିଲାର ବୋଲି ଜଣାପଡିଛି। ତେବେ ସେମାନେ ନୟାଗଡ଼ ଜିଲାର ଏକ ଘରୋଇ ହଷ୍ଟେଲରେ ରହି ପାଠ ପଢୁଥିବା ଜଣାପଡିଛି। ଆରପିଏଫ୍ ଶିଶୁ ଚାଲାଣ ସନ୍ଦେହରେ ସେମାନଙ୍କ ସାଥିରେ ଥିବା ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସଂପୃକ୍ତ ଶିକ୍ଷକ ତାଙ୍କୁ ପୁରୀ ବେଳାଭୂମି ଏବଂ ଶ୍ରୀମନ୍ଦିର ଦର୍ଶନ ଲାଗି ଏଠାକୁ ଆଣିଥିବା ଉଦ୍ଧାର ନାବାଳିକାମାନେ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପଟେ ଆଦିବାସୀ ନାବାଳିକାଙ୍କୁ ଟ୍ରେନ୍ ଯୋଗେ ବାହାର ରାଜ୍ୟକୁ ଚାଲାଣ କରାଯିବା ଉଦ୍ଦେଶ୍ୟରେ ପୁରୀକୁ ଆଣିଥିବା ଅଭିଯୋଗ ହେଉଛି। ଆରପିଏଫ୍ ଥାନା ଅଧିକାରୀ ଅନିଲ କୁମାର ସିଂ କୁହନ୍ତି, ଷ୍ଟେଶନ ପରିସରରେ ନାବାଳିକାମାନେ ବୁଲୁଥିବା ଦେଖି ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ପଚରାଉଚରା ବେଳେ ସେମାନେ କନ୍ଧମାଳ ଜିଲାର ବୋଲି ପରିଚୟ ଦେଇଥିଲେ। ସେମାନଙ୍କ ସାଥିରେ ଥିବା ଜଣେ ବ୍ୟକ୍ତି ସେମାନଙ୍କ ଶିକ୍ଷକ ବୋଲି ଦର୍ଶାଇଥିଲେ। ତେବେ ନାବାଳିକାମାନେ କେଉଁ ହଷ୍ଟେଲରେ ରହୁଛନ୍ତି, କେଉଁ ସ୍କୁଲରେ ପଢୁଛନ୍ତି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛି। ଉଦ୍ଧାର ନାବାଳିକାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇ ଘଟଣାର ତଦନ୍ତ ଜାରି ରହିଛି। କୌଣସି ଠିକ୍ ପ୍ରମାଣ ନ ମିଳିଲେ, ଶିକ୍ଷକଙ୍କୁ ଗିରଫ କରାଯିବ ବୋଲି ସିଂ କହିଛନ୍ତି।

# ଭାରତ ବିକାଶ ପରିଷଦ ପକ୍ଷରୁ 'ଭାରତ୍ କୋ ଜାନୋ'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀମାନେ ସମୂହ ସଙ୍ଗୀତ ଗାନ କରୁଛନ୍ତି।

ପୁରୀ ଅଫିସ, ୮।୯

ଭାରତ ବିକାଶ ପରିଷଦ, ଶ୍ରୀଜଗନ୍ନାଥ ଧାମ ଦ୍ୱାରା 'ଭାରତ୍ କୋ ଜାନୋ' ନାମରେ ଏକ ଜଣା ଅଜଣା କାର୍ଯ୍ୟକ୍ରମ ରବିବାର ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍କୁଲର ଏକାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସଭା ଓ ପୁରସ୍କାର ବିତରଣ ଉତ୍ସବରେ ପରିଷଦ ଅଧ୍ୟକ୍ଷ ପଦ୍ମନାଭ ପଣ୍ଡା ସଭାପତିତ୍ୱ କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପରିଷଦର ଓଡ଼ିଶା ପ୍ରାନ୍ତ ଅଧ୍ୟକ୍ଷ ଶୁଭାଶିଷ କର, ପ୍ରାନ୍ତୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପରିଷଦ ନଗର ସଚିବ ସୁପ୍ରୀତି ରଥ ବିବରଣୀ ପାଠ କରିଥିଲେ। ମମତା ମହାନ୍ତି କ୍ରିଷ୍ଣା ଓ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବାର୍ଷିକୋତ୍ସବ, ଜାତୀୟସ୍ତରୀୟ ଆଲୋଚନାଚକ୍ର

# ଦାଢ଼ୁତ୍ୟା ଭକ୍ତି ଓଡ଼ିଶା ଭକ୍ତିଧାରାକୁ ସମୃଦ୍ଧ କରିଛି





କାର୍ଯ୍ୟକ୍ରମରେ ଅତିଥିମାନେ ଏକ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ପୁରୀ ଅଫିସ, ୮।୯

ଶ୍ରୀ ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବାର୍ଷିକୋତ୍ସବ ଓ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ସଦ୍‌ଭାବନା ସଭାଗୃହ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ ପ୍ରଥମ ଅଧିବେଶନରେ ଅନୁଷ୍ଠାନର ସଭାପତି ପ୍ରଫେସର ଗୋପାଳ କୃଷ୍ଣ ଦାଶ ସଭାପତିତ୍ୱ କରିଥିଲେ। ଆଧାର ପୁରୁଷ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ। ସଂସ୍କୃତି ଗବେଷକ ଡ. ନରେଶ ଦାଶ ଓ ଡ. ଶ୍ରୀନିବାସ ଆଚାର୍ଯ୍ୟ ଭିତ୍ତିପ୍ରବନ୍ଧ ସ୍ଥାପନ କରିଥିଲେ। ଦାଢ଼ୁତ୍ୟା ଭକ୍ତି ରସାମୃତରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ରରେ ଅନୁଷ୍ଠାନର ୩୫ଜଣ ସଦସ୍ୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଦାଢ଼ୁତ୍ୟା ଭକ୍ତି ଓଡ଼ିଶା ଭକ୍ତିଧାରାକୁ ସମୃଦ୍ଧ କରିଛି ବୋଲି ମତପ୍ରକାଶ ପାଇଥିଲା। ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠାନର ବାର୍ଷିକୋତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ଡ. ଲକ୍ଷ୍ମୀଧର ଦାସଙ୍କୁ ତତ୍ତ୍ୱଦର୍ଶୀ ଗବେଷକ, ଡ. ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ତତ୍ତ୍ୱଦର୍ଶୀ ପ୍ରାବନ୍ଧିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିଚାଳନାରେ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଅନାମ ଚନ୍ଦ୍ର ସାହୁ, ଶ୍ୟାମ ପ୍ରକାଶ ସେନାପତି, ଡ. କଲ୍ୟାଣୀ ନନ୍ଦୀ ଓ ନାରାୟଣ ନନ୍ଦ ସହଯୋଗ କରିଥିଲେ।

## ଡାଲ୍‌ସା ପକ୍ଷରୁ ବାଲୁଖଣ୍ଡରେ ଚାରା ରୋପଣ

ପୁରୀ ଅଫିସ, ୮।୯

ପୁରୀ ଜିଲା ଆଇନସେବା ପ୍ରାଧିକରଣ (ଡାଲ୍‌ସା) ଆନୁକୂଲ୍ୟରେ ପିପିଲି, ନିମାପଡ଼ା, କୋଣାର୍କ ଆଦି ବିଭିନ୍ନ ସ୍ଥାନରେ ସପ୍ତାହ ବ୍ୟାପୀ ଚାରା ରୋପଣ ଚାଲିଛି। ରବିବାର ବାଲୁଖଣ୍ଡ ଅଭୟାରଣ୍ୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାଜଜ୍ ବିଦ୍ୟୁତ୍ ମିଶ୍ର, ପ୍ରଥମ ଅତିରିକ୍ତ ଜିଲାଜଜ୍ ଶୁଭଦର୍ଶୀ ପଟ୍ଟନାୟକ, ଦ୍ୱିତୀୟ ଅତିରିକ୍ତ ଜିଲାଜଜ୍ ପୂର୍ଣ୍ଣିମା ଜେନା, ତୃତୀୟ ଅତିରିକ୍ତ ଜିଲାଜଜ୍ ଶୁଭଶ୍ରୀ ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶାନ୍ତ କୁମାର ମହାପାତ୍ର, ରେଜିଷ୍ଟ୍ରାର ମନୋଜ କୁମାର, ବରିଷ୍ଠ ସିଭିଲ ଜଜ୍ ଏସ୍. ପଟ୍ଟନାୟକ, ଅତିରିକ୍ତ ବରିଷ୍ଠ ସିଭିଲ୍ ଜଜ୍ ସୁଚିତ୍ରା ପରମଗୁରୁ, ଏସ୍‌ଡିଜେଏମ୍ ଅନୁଶ୍ରୁତି ଚୌଧୁରୀ, କନିଷ୍ଠ ସିଭିଲ୍ ଜଜ୍ ସୁମନ ଜେନା, ଅଫିସର ଦେବାଶିଷ ମହାନ୍ତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଙ୍କର ମହାପାତ୍ର, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏସ୍. ମିଶ୍ର, ଏସ୍. ଜେନା, ପ୍ରତାପ ଚନ୍ଦ୍ର ପୃଷ୍ଟି, ମୋନିକା ଆଚାର୍ଯ୍ୟ, ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା ପ୍ରମୁଖ ଉପସ୍ଥିତ ଥିଲେ। ବାଲୁଖଣ୍ଡରେ ଚାରା ରୋପଣ କରିଥିଲେ। ଆଇନସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟରେ ରକ୍ତଦାନ ଶିବିର

ପୁରୀ ଅଫିସ, ୮।୯

ସ୍ଥାନୀୟ ପୋଲିସ ହାଇସ୍କୁଲର ୧୯୯୪ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିବିରରେ ୨୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୁରୀ ସହର ତଥା ସଦର ଅଞ୍ଚଳରେ ବିଭିନ୍ନ ସମୟରେ ଡାକ୍ତରଖାନାକୁ ଆସୁଥିବା ଲୋକଙ୍କ ରକ୍ତ ଦରକାର ପଡୁଛି। ତେଣୁ ଏହି ଲୋକମାନଙ୍କୁ ସହଯୋଗ କରିବା ଲାଗି ଏପରି ଶିବିର ଆୟୋଜନ କରାଯାଇଥିବ ପୁରାତନ ଛାତ୍ରୀଛାତ୍ର କହିଛନ୍ତି।

# ଯୁବ ଶିବିର ଉଦ୍‌ଯାପିତ

ସାକ୍ଷୀଗୋପାଳ,୮।୯(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକର କାଦୁଆ ଆଶ୍ରମରେ ୫ଦିନ ବ୍ୟାପି ଚାଲିଥିବା ଯୁବ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଓଡ଼ିଶା ପୁନଃନିର୍ମାଣ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ସେବା ଶିବିର କାର୍ଯ୍ୟକ୍ରମର ଅତିଥି ଭାବେ ଶୋଭନୀୟ ଆନ୍ଦୋଳନର କର୍ମୀ ଡ. ଅରୁନ୍ଧତୀ ଦେବୀ, ଅଧ୍ୟାପକ ରତିକାନ୍ତ ପରିଡ଼ା ଯୋଗଦେଇଥିଲେ। ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ସଂଯୋଜକ ମଧୁସୂଦନ ଦାସ ଶିବିରାର୍ଥୀମାନଙ୍କୁ ଫନୀ ପ୍ରଭାବିତ ଗ୍ରାମଗୁଡ଼ିକରେ ସବୁଜିମା ସୃଷ୍ଟି କରିବା, ଯୁବକମାନଙ୍କ ଆତ୍ମନିଯୁକ୍ତି ସହିତ ପରିମଳ ବ୍ୟବସ୍ଥାର ସୁଧାର ଆଣିବା ଦିଗରେ ପରାମର୍ଶ ଦେଇଥିଲେ। ଶିବିରକୁ ସ୍ୱେଚ୍ଛାସେବୀ ଉପେନ୍ଦ୍ର ବିଶ୍ୱାଳ, ରୁବିନା ସାହୁ ଓ ସୋମା ପ୍ରମୁଖ ପରିଚାଳନା କରିଥିଲେ। ଏହି ଶିବିରରେ ୫୦ଜଣ ଯୁବ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ପୁରୀ ଜିଲାର ୫୦ଟି ଗ୍ରାମରେ ଏହିଭଳି ଶିବିର ଆୟୋଜନ କରାଯାଇ ୨୫୦୦ ସ୍ୱେଚ୍ଛାସ୍ୱେବୀମାନଙ୍କୁ ତାଲିମ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବିକାଶ ପରିଷଦର ସତ୍ୟବାଦୀ ଶାଖାର ସଭାପତି ସତ୍ୟବାଦୀ ଦାସ, ଅର୍ଥସଚିବ ନବଘନ ଶତପଥୀ ଓ ସଂଯୋଜକ ସୁଶାନ୍ତ ରଥ, ସୁରେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିଇଓଙ୍କୁ ବାଲ୍‌ଚର ବନ୍ଧୁ ସମ୍ମାନ

ପୁରୀ ଅଫିସ, ୮।୯

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ (ବିଇଓ) ମମତା ମିଶ୍ରଙ୍କୁ ସମ୍ମାନଜନକ ବାଲ୍‌ଚର ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍କାଉଟ୍ ରାଜ୍ୟ କମିଶନର କାଳୀପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ୧୬ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଚଳିତ ବର୍ଷ ନିମନ୍ତେ ବିଇଓ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ରାଜ୍ୟ ସଭାପତି ବିଷ୍ଣୁଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମିଶ୍ରଙ୍କୁ ସମ୍ମାନପତ୍ର ପ୍ରଦାନ କରିଥିଲେ।

## ଫନୀକୁ ବିତିଲା ୪ ମାସ

# ମିଳୁନି ସରକାରୀ ସହାୟତା, ଭଙ୍ଗାଘରେ ବିତୁଛି ଜୀବନ

ଗୋପ, ୮।୯(ଡି.ଏନ୍.ଏ.)



ଭଙ୍ଗାଘର ସମ୍ମୁଖରେ ଚୁନିମଣି ଦେଈ।

ପ୍ରଳୟଙ୍କରୀ ସାମୁଦ୍ରିକ ବାତ୍ୟା ଫନୀକୁ ୪ ମାସ ପୂରିଥିବାବେଳେ ଏବେ ବି ଅଧିକାଂଶ ବିପନ୍ନ ଭଙ୍ଗା କୁଡ଼ିଆରେ ଜୀବନ ବିତାଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗୋପ ବ୍ଲକ୍ ଅଧୀନ କୁଆଁପଡ଼ା ଗ୍ରାମ ପଞ୍ଚାୟତର ସୁଜାନଗର ଗ୍ରାମରେ। ଗ୍ରାମର ଚୁନିମଣି ଦେଈଙ୍କର ଦୁଇ ବଖରା ଚାଳଘର ବାତ୍ୟାରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିଲେ ବି ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କୁ କୌଣସି ସରକାରୀ ସହାୟତା ମିଳିପାରିନି। ଫଳରେ ଖଣ୍ଡିଏ ପଲିଥିନ ତଳେ ତାଙ୍କ ଜୀବନ ବିତାଇବାକୁ ସେ ବାଧ ହେଉଥିବା କହିଛନ୍ତି।

ଫନୀରେ ଗୋପ ବ୍ଲକ୍‌ର ୫୦ ହଜାରରୁ ଊର୍ଦ୍ଧ୍ୱ ଚାଳଛପର ଘର ଭାଙ୍ଗିଥିଲା। ମାତ୍ର ପ୍ରଶାସନ ଏହି ସବୁ ବିପନ୍ନଙ୍କୁ ଠିକ୍ ଭାବେ ସରକାରୀ ସହାୟତା ଯୋଗାଇ ଦେବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ବାରମ୍ବାର ବ୍ଲକ୍, ତହସିଲ ଦୌଡ଼ି ନିରାଶ ହେବା ପରେ ସେହି ଭଙ୍ଗା ଦଦରା ଘରେ ଚୁନିମଣି ରହିବାକୁ ବାଧ ହେଉଛନ୍ତି। ସରକାରୀ ସହାୟତା ଲାଗି ଆବଶ୍ୟକ କାଗଜପତ୍ର ବ୍ଲକ୍, ତହସିଲରେ ପକାଇବା ପରେ କେବଳ ତଦନ୍ତ ଯିବ, ସବୁକିଛି ମିଳିବ ବୋଲି ବିଡିଓ, ତହସିଲଦାରଙ୍କ ପ୍ରତିଶ୍ରୁତି ମିଳିବା ଛଡ଼ା ଆଉ କିଛି ମିଳିପାରିନାହିଁ। ଏ ସମ୍ପର୍କରେ ଗୋପ ତହସିଲଦାର ପୃଥ୍ୱିରାଜ ମଣ୍ଡଳଙ୍କୁ ପଚାରିବାରେ ତଦନ୍ତ ପରେ ନିଶ୍ଚିତ ଚୁନିମଣିଙ୍କୁ ସରକାରୀ ସହାୟତା ମିଳିବ ବୋଲି ସେ କହିଥିଲେ।

# ଭସାଣି ଶୋଭାଯାତ୍ରାରେ ଦୁଲୁକିଲା ବଡ଼ଦାଣ୍ଡ

ପୁରୀ ଅଫିସ, ୮।୯



ଭସାଣି ଉତ୍ସବରେ ପୁରୀ ଶରଧାବାଲିରେ ଏକତ୍ରିତ ହୋଇଥିବା ବିଭିନ୍ନ ସ୍ଥାନର ଗଣେଶ ମୂର୍ତ୍ତି।

ପୁରୀରେ ଯେଉଁ କେତେକ ପୂଜା ଧୂମ୍‌ଧାମରେ କରାଯାଏ ସେଥିମଧ୍ୟରୁ ଅନ୍ୟତମ ଗଣେଶ ପୂଜା। ଏଠାରେ ଅଧିକାଂଶ ମଣ୍ଡପରେ ୭ ଦିନ ଧରି ବିଘ୍ନ ବିନାଶକଙ୍କୁ ପୂଜା କରାଯାଏ। ଚଳିତବର୍ଷ ବର୍ଷା ସତ୍ତ୍ୱେ ଗଣେଶ ପୂଜାକୁ ନେଇ ସାତଦିନ ଧରି ବେଶ୍ ଚଳଚଞ୍ଚଳ ହୋଇପଡିଥିଲା ପୁରୀ ସହର। ଏଥର ଛୋଟବଡ଼ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ଅନୁଷ୍ଠିତ ହୋଇଥିଲା। ରବିବାର ଅଧିକାଂଶ ଅନୁଷ୍ଠାନ ପକ୍ଷରୁ ଗଣପତିଙ୍କୁ ମେଲାଣି ଦିଆଯାଇଛି। ବିଶେଷକରି ଏହି ଭସାଣି ଶୋଭାଯାତ୍ରାରେ ଦୁଲୁକିଥିଲା ବଡ଼ଦାଣ୍ଡ।

ଅଗ୍ରପୂଜ୍ୟଙ୍କ ଭସାଣି ପାଇଁ ସକାଳୁ ସକାଳୁ ପୂଜା ମଣ୍ଡପଗୁଡ଼ିକରେ ଚାଲିଥିଲା ପ୍ରସ୍ତୁତି। ଭସାଣି ଶୋଭାଯାତ୍ରାରେ ସାମିଲ ହେବାକୁ ଥିବା ଗାଡିରେ ଠାକୁରଙ୍କୁ ବସାଇ ବିଭିନ୍ନ ସାଜସଜାରେ ଲାଗିଥିଲେ ଆୟୋଜକମାନେ। ଦିନତମାମ୍ ବିଭିନ୍ନ ପ୍ରସ୍ତୁତି ପରେ ଅପରାହ୍ନରୁ ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ପ୍ରଶାସନିକ କଟକଣା ଭିତରେ ବିଭିନ୍ନ କ୍ଲବ, ସମିତି ଓ ଅନୁଷ୍ଠାନରୁ ଗଣେଶଙ୍କ ଭସାଣି ଶୋଭାଯାତ୍ରା ବାହାରିଥିଲା। ଡିଜେ, ପଞ୍ଜାବୀ ବାଜା ଓ ଘଣ୍ଟ ମାଡ଼ରେ ଦୁଲୁକିଥିଲା ଶ୍ରୀକ୍ଷେତ୍ର। ବିଶେଷକରି ଏହି ଶୋଭାଯାତ୍ରାରେ କମ୍ପିଉଠିଥିଲା ବଡ଼ଦାଣ୍ଡ। ସହରର ପ୍ରମୁଖ ପୂଜା ମଣ୍ଡପ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ କରାଯାଇଥିବାରୁ ଭସାଣି ଶୋଭାଯାତ୍ରା ବଡ଼ଦାଣ୍ଡରେ ସୃଷ୍ଟି କରିଥିଲା ଏକ ନିଆରା ପରିବେଶ। ହେଲେ ଏ ବର୍ଷ ଉଚ୍ଛେଦ ଏବଂ ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡିଂ ଯୋଗୁ କେତେକ ଅନୁଷ୍ଠାନର ମଣ୍ଡପ ସ୍ଥାନ ପରିବର୍ତ୍ତନ ହୋଇଥିଲା। ସେହିପରି ଭସାଣି ଶୋଭାଯାତ୍ରା ସିଂହଦ୍ୱାର ସମ୍ମୁଖକୁ ଯାଇ ପାରି ନ ଥିଲା। ଡିଜେର ତାଳେ ତାଳେ ଯୁବଗୋଷ୍ଠୀଙ୍କ ନୃତ୍ୟ ଭସାଣି ଶୋଭାଯାତ୍ରାକୁ ଆହୁରି ଆକର୍ଷଣୀୟ କରିଥିଲା। ପ୍ରଶାସନିକ ନିର୍ଦ୍ଦେଶ ଅନୁଯାୟୀ ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିର ସମ୍ମୁଖ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପରେ ସେଠାରୁ ଠାକୁରଙ୍କୁ ନିଆଯାଇ ଭସାଣି କରାଯାଇଥିଲା।